



# ଧରାପଡ଼ିଲେ ୩ ଝାଡ଼ଖଣ୍ଡୀ ନିଶା ମାଫିଆ

**ଭୁବନେଶ୍ୱର, ୧୨।୨(ସମିସ):**

ଜାତୀୟ ରାଜପଥରେ ଆଗେ ଆଗେ ଦ୍ରୁତ ବେଗରେ ଯାଉଥିଲା ଗଞ୍ଜେଇ ଭର୍ତ୍ତି ଦୁଇଟି ଦାମୀ କାର୍। ପଛରେ ପିଛା କରୁଥିଲା ପୁଲିସର ଗାଡ଼ି। ନିଶା ମାଫିଆ ଓ ପୁଲିସ ମଧ୍ୟରେ ଘଣ୍ଟାଏ ଛକାପଞ୍ଝା ପରେ ୩ ମାଫିଆଙ୍କୁ କାବୁ କରିଥିଲା ପୁଲିସ। ଏଥିରେ

## ୩୦ କିଲୋମିଟର ରାସ୍ତା; ଘଣ୍ଟାଏ ଛକାପଞ୍ଝା

## ୩ ମାଫିଆଙ୍କୁ ଗୋଡ଼େଇ ଗୋଡ଼େଇ ଧରିଲା ପୁଲିସ

## ୩ କ୍ୱିଣ୍ଟାଲ ଗଞ୍ଜେଇ ଓ ଦୁଇଟି ଦାମୀ କାର୍ ଜବତ

## ମାଲକାନାଗିରିରୁ ପଶ୍ଚିମବଙ୍ଗ; ଭାୟା ଭୁବନେଶ୍ୱର

ସମ୍ପୃକ୍ତି ରହିଥିବା ଝାଡ଼ଖଣ୍ଡର ୩ ନିଶା ମାଫିଆଙ୍କୁ ଗିରଫ କଲା ସ୍ୱତନ୍ତ୍ର ଅପରାଧ ଶାଖା। ଗିରଫ ଅଭିଯୁକ୍ତମାନେ ହେଲେ ରବିଶଙ୍କର ଦାସ, ରାଜେଶ ଦାସ ଓ ଲ' କିଶୋର ପ୍ରସାଦ ସହଦେବ। ଗିରଫ ସମସ୍ତ ଅଭିଯୁକ୍ତଙ୍କ ଘର ପୂର୍ବ ସିଂହଭୂମର ସୋନାରୀ ଅଞ୍ଚଳରେ। ସେମାନଙ୍କ ଠାରୁ ୩୦୦ କିଲୋ ଗଞ୍ଜେଇ, ଦୁଇଟି ଦାମୀ କାର୍, ନଗଦ ୧୪ହଜାର ଟଙ୍କା ଓ ମୋବାଇଲ ଫୋନ୍ ଜବତ ହୋଇଛି। ଜବତ ଗଞ୍ଜେଇର ଆନୁମାନିକ ମୂଲ୍ୟ ୩୦ ଲକ୍ଷ। ସେହିପରି ଗ୍ୟାଙ୍ଗ୍ ମୁଖିଆ ରବିଶଙ୍କର ଇସାରାରେ ମାଲକାନାଗିରିରୁ ଭାୟା ଭୁବନେଶ୍ୱର ଦେଇ ପଶ୍ଚିମବଙ୍ଗ ଓ ଝାଡ଼ଖଣ୍ଡ ଚାଲାଣ ହେଉଥିଲା ଗଞ୍ଜେଇ। ସମସ୍ତ ନିଶା ମାଫିଆ




ପେସାଦାର ହୋଇଥିବା ବେଳେ ସେମାନଙ୍କ ନାଁରେ ଝାଡ଼ଖଣ୍ଡର ବିଭିନ୍ନ ଥାନାରେ ମାମଲା ରହିଛି। ତେଣୁ ସ୍ଥାନୀୟ ପୁଲିସ ସହ ଯୋଗାଯୋଗ କରାଯାଇଛି। ଧରାପଡ଼ିଥିବା ଅଭିଯୁକ୍ତଙ୍କୁ ଅପରାଧିକ ସାମ୍ରାଜ୍ୟ ଖୋଲିବା ଲାଗି ୩ଦିନିଆ ରିମାଣ୍ଡରେ ଅଣାଯିବାକୁ କୋର୍ଟରେ ଆବେଦନ କରାଯାଇଛି ବୋଲି ପୁଲିସ କମିସନର ସଞ୍ଜିବ ପଣ୍ଡା ସୂଚନା ଦେଇଛନ୍ତି।

### ଖସିବା ଆଗରୁ ଫସିଗଲେ

ଧରାପଡ଼ିଥିବା ୩ ବେପାରୀ ମାଲକାନାଗିରିରୁ ଦୁଇଟି କାର୍‌ରେ ଗଞ୍ଜେଇ ଆଣି କାକିନାଡ଼ା ଦେଇ ଭାଇଜାଗ ଯାଇଥିଲେ। ସେଠାରୁ ଆନ୍ଧ୍ରପ୍ରଦେଶ-ବ୍ରହ୍ମପୁର-ଭୁବନେଶ୍ୱର-ଜଳେଶ୍ୱର ଦେଇ ଝାଡ଼ଖଣ୍ଡ ଓ କୋଲକାତାକୁ ଯିବାକୁ ଯୋଜନା କରିଥିଲେ। ଭୁବନେଶ୍ୱର ପହଞ୍ଚିବା ପରେ ଆଗରୁ ପ୍ରବେଶ ପଥରେ ଜଗି ରହିଥିଲା ସ୍ୱତନ୍ତ୍ର ଅପରାଧ ଶାଖାର କର୍ମଚାରୀ। ସେମାନଙ୍କ ମୋବାଇଲ ଫୋନ୍‌କୁ ଟ୍ରାକିଂ କରି ପିଛା କରିଥିଲା ପୁଲିସ। ରାଜଧାନୀ ଦେଇ ୨ଟି କାର୍ ପାର୍ ହେଉଥିବା ସମୟରେ ସେମାନଙ୍କୁ ଧରିବାକୁ ପୁଲିସ ଗୋଡ଼େଇ ଥିଲା। କିନ୍ତୁ ପୁଲିସକୁ ଦେଖି ୨ଟି କାରରେ ଗଞ୍ଜେଇ ଚାଲାଣ କରୁଥିବା ମାଫିଆ ଦ୍ରୁତଗତିରେ ପଳାଇଥିଲେ।

ଗଞ୍ଜେଇ ଚାଲାଣକାରୀ ବାରମ୍ବାର ନମ୍ବର ବଦଳାଉଥିବାରୁ ସେମାନଙ୍କୁ ଚିହ୍ନିବା ପୁଲିସ ଲାଗି କାଠିକର ପାଠ ହୋଇଥିଲା। ହେଲେ ଗଞ୍ଜେଇ ଚାଲାଣକାରୀଙ୍କ ଗାଡ଼ିର ଇଞ୍ଜିନ୍ ଧୋକା ଦେଇଥିଲା। ଗାଡ଼ିର କମ୍ପ୍ରେସର ଖରାପ ଯୋଗୁଁ ବାଟରେ ଅଧିକ ବେଗରେ ଶବ୍ଦ ସୃଷ୍ଟି କରିଥିଲା। ଫଳରେ ସେମାନଙ୍କ କାର୍‌କୁ ଠାବ କରିବା ପୁଲିସ ପାଇଁ ସହଜ ହୋଇଥିଲା। ଇଞ୍ଜିନ୍ ଖରାପ ସହ ଗାଡ଼ିରେ ଗଞ୍ଜେଇ ଭର୍ତ୍ତି ହୋଇଥିବାରୁ ଗାଡ଼ିର ବେଗ୍ ଢ଼େର୍ କମ୍ ଥିଲା। ଏମିତିକି ପାହାଳ ନିକଟରେ ଟ୍ରାଫିକ ଭିଡ଼ ଥିବାରୁ ସେମାନେ ଭିଡରେ ଫସିଯାଇଥିଲେ। ଶେଷରେ ଗାଡ଼ିକୁ ପିଛା କରି କାବୁ କରାଯାଇଥିଲା।

### ମାଓବାଦୀଙ୍କ ଲାଗି ୧୦ ଦିନ ଫସିଲେ

ଝାଡ଼ଖଣ୍ଡ ଓ ପଶ୍ଚିମବଙ୍ଗରେ ଗଞ୍ଜେଇର ଚାହିଦା ବଢ଼ୁଥିବାରୁ ସେଠାରେ ଗଞ୍ଜେଇ କାରବାର କରିବାକୁ ଯୋଜନା କରିଥିଲେ। ୧୦ଦିନ ତଳେ ଗ୍ୟାଙ୍ଗ୍ ମୁଖିଆ ରବିଶଙ୍କର ନିଜର ୨ଟି କାର୍ ଧରି ସହଯୋଗୀଙ୍କୁ ଧରି ଝାଡ଼ଖଣ୍ଡରୁ ମାଲକାନଗିରି ଚିତ୍ରକୋଣ୍ଡା ଗଞ୍ଜେଇ ନେବାକୁ ଆସିଥିଲେ। ସେହି ସମୟ କନ୍ଧମାଳରେ ମାଓବାଦୀ-ପୁଲିସ ମଧ୍ୟରେ ଏନ୍‌କାଉଣ୍ଟର ହେବାପରେ ବିଏସ୍‌ଏଫ ପକ୍ଷରୁ ସମସ୍ତ ରାସ୍ତାକୁ ସିଲ୍ କରିଦେଇଥିଲେ। ତେଣୁ ଧରାପଡ଼ିଯିବା ଭୟରେ ଚିତ୍ରକୋଣ୍ଡାରେ ଲୁଚି ରହିଥିଲେ। ପରେ ଜଙ୍ଗଲ ରାସ୍ତା ଦେଇ ଲୁଚିକି ମୁଖ୍ୟ ରାସ୍ତାକୁ ଆସିଥିଲେ। ଶନିବାର ଚିତ୍ରକୋଣ୍ଡାରୁ ବାହାରି ଆନ୍ଧ୍ରପ୍ରଦେଶର ବିଜୟନଗର ଦେଇ, ରବିବାର ସକାଳେ ବ୍ରହ୍ମପୁରରେ ପହଞ୍ଚିଥିଲେ। ସେଠାରୁ ଭୁବନେଶ୍ୱର ଦେଇ କୋଲକାତା ଓ ଝାଡ଼ଖଣ୍ଡ ଯାଉଥିବା ବେଳେ ଭୁବନେଶ୍ୱରରେ ମାଡି ବସି ମାଫିଆଙ୍କ ଖେଳ ଖତମ କରିଥିଲା ସ୍ୱତନ୍ତ୍ର ଅପରାଧ ଶାଖା।

### ରାଜ୍ୟ ପାର୍ ହେଲେ ବଦଳୁଥିଲା ନମ୍ବରପ୍ଲେଟ୍

ଧରାପଡ଼ିଥିବା ୩ପେସାଦାର ନିଶା ମାଫିଆ ଦାମୀ ଗାଡ଼ି ବ୍ୟବହାର କରୁଥିଲେ। ଦାମୀ ଗାଡ଼ିରେ ଗଞ୍ଜେଇ ଗାଡ଼ିକୁ ଏସକର୍ଟ ବି ଦେଉଥିଲେ। ପଛରେ ଆଉ ଏକ କାର୍ ଯୋଗେ ଗଞ୍ଜେଇ ଭର୍ତ୍ତିକରି ବିଭିନ୍ନ ରାଜ୍ୟ ଦେଇ ରାଜ୍ୟ ପାର୍ ହେଉଥିଲେ। ୩ଟି ରାଜ୍ୟ ଅତିକ୍ରମ କରିଥିବାରୁ ଏଥିପାଇଁ ପ୍ରାଇଭେଟ୍ ନମ୍ବର ଓ ଭିନ୍ନ ଭିନ୍ନ ନମ୍ବର ପ୍ଲେଟ୍ ଲଗାଉଥିଲେ। ଯେଉଁ ରାଜ୍ୟରେ ପ୍ରବେଶ କରୁଥିଲେ ସେଇ ରାଜ୍ୟର ନମ୍ବର ପ୍ଲେଟ୍ ବ୍ୟବହାର କରୁଥିଲେ। ରାଜ୍ୟ ପାର୍ ହେବା ପରେ ପୁଣି ଅନ୍ୟ ରାଜ୍ୟର ନୂଆ ନମ୍ବର ପ୍ଲେଟ୍ ଲଗାଉଥିଲେ। ପୁଲିସ ହାବୁଡ଼ରେ ଧରାପଡ଼ିଥିବା ପରେ ଗାଡ଼ିରୁ ଅନେକ ନମ୍ବରପ୍ଲେଟ୍ ବାହାରିଥିଲା।

## ନିଶା ମାଫିଆ କହୁଛି 'ପୁଷ୍ପା ଝୁକେଗା ନେହିଁ'



ତେଲଗୁ ବହୁ ଚର୍ଚ୍ଚିତ ପୁଷ୍ପା ଚଳଚ୍ଚିତ୍ର ସମସ୍ତଙ୍କ ମନରେ ବେଶ୍ ରୋମାଞ୍ଚ ଭରିଛି। ରକ୍ତଚନ୍ଦନ ଚୋରା ଚାଲାଣ ଶୈଳୀରେ ଗଞ୍ଜେଇ ଚାଲାଣ କରୁଛନ୍ତି ଚାଲାଣକାରୀ। ଶେଷରେ ଧରାପଡ଼ି ଜେଲ୍ ଯାଉଛନ୍ତି। ଜେଲରୁ ଜାମିନ୍‌ରେ ମୁକୁଳି ପୁଣି ନିଶା କାରବାର କରୁଛନ୍ତି। ପୁଲିସ କବ୍‌ଜାରେ ପଡ଼ି ଗିରଫ ହେବା ପରେ 'ପୁଷ୍ପା ଝୁକେଗା ନେହିଁ' କହୁଛନ୍ତି। ଅର୍ଥାତ୍ ଗିରଫ ହେବ, ଜେଲ ଯିବେ, ପୁଣି ମୁକୁଳି ନିଶା କାରବାର କରିବେ।




## ସିକ୍ରେଟ୍ ଚାମ୍ବର୍‌ରେ ମାଲ୍, ଆଗରେ 'ପ୍ରେସ୍'

ଗାଡ଼ିର ଆଗ ଓ ପଛରେ ଗଞ୍ଜେଇର ଗୋଦାମ। ଗାଡ଼ିର ସିଟ୍ ଠାରୁ ଆରମ୍ଭ କରି ଚେଚିସ୍‌ରେ ସିକ୍ରେଟ୍ ଚାମ୍ବର କରି ପୁଳା ପୁଳା ଗଞ୍ଜେଇ ରହିଛି। ଗଞ୍ଜେଇକୁ ଟେପ୍‌ରେ ଗୁଡ଼େଇ ସିକ୍ରେଟ୍ ଚାମ୍ବରରେ ଲୁଚାଇ ରଖିଥିଲେ। ଦୁଇଟି କାର୍‌ରେ ଛୋଟ ଛୋଟ ପୁଟୁଳା କରି ୩୦୦ କିଲୋ ଗଞ୍ଜେଇ ଲୁଚାଇ ଚାଲାଣ କରୁଥିଲେ। ସେହିପରି ପୁଲିସ ସନ୍ଦେହରୁ ବର୍ତ୍ତିବାକୁ ସେମାନେ ଦୁଇଟି କାର୍‌ରେ 'ପ୍ରେସ୍' ଲେଖାଥିବା ଷ୍ଟିକର୍ ବ୍ୟବହାର କରୁଥିଲେ। ପ୍ରେସ୍‌ର ଷ୍ଟିକର୍ ଥିବାରୁ ସାମ୍ବାଦିକ ଭାବି ବିଭିନ୍ନ ନାକା ପଏଣ୍ଟରେ ଛାଡ଼ି ଦେଇଥିଲା ପୁଲିସ। ତେଣୁ ୨ଟି ରାଜ୍ୟ ଡେଇଁ ଅତି ଚତୁରତାର ସହ ଖସି ପଳାଇବାକୁ ଯୋଜନା କରୁଥିଲେ ନିଶା ବେପାରୀ।

• ସାମ୍ବାଦିକଙ୍କୁ ଆକ୍ରମଣ ଘଟଣା

## ମାରଣାସ୍ତ୍ର ଓ ବାଇକ୍ ଜବତ; ୩ ଗିରଫ

**ଭୁବନେଶ୍ୱର, ୧୨।୨(ସମିସ):** ସାମ୍ବାଦିକ ଜ୍ୟୋତି ରଞ୍ଜନ ମହାପାତ୍ରଙ୍କୁ ଖଣ୍ଡାରେ ହାଣିବା ଘଟଣାରେ ମଞ୍ଚେଶ୍ୱର ଥାନା ପୁଲିସ ଏବଂ ସ୍ପେଶାଲ ସ୍କ୍ୱାଡ୍ ୩ଜଣ ଅଭିଯୁକ୍ତଙ୍କୁ ଗିରଫ କରିଛି। ଗିରଫ ୩ ଅଭିଯୁକ୍ତ ହେଲେ, ନୟାଗଡ଼ ଅଞ୍ଚଳର ସଞ୍ଜୟ ନାୟକ (୨୨), ଶରତ ନାୟକ (୨୩) ଏବଂ ରଙ୍ଗମାଟିଆ ଅଞ୍ଚଳର ଚେତନ କୁମାର ପରିଡ଼ା (୨୪)। ସେମାନଙ୍କ ନିକଟରୁ ଏକ ବାଇକ୍ ଏବଂ ଖଣ୍ଡାକୁ ଜବତ କରାଯାଇଛି। ସଞ୍ଜୟ ପଥରବନ୍ଧ ବସ୍ତିରେ ରହୁଥିବା ବେଳେ ଶରତ ୟୁନିଟ-୬ ତାରିଣୀ ବସ୍ତିରେ ରହୁଛି। ଏହି ଘଟଣାରେ ଅନ୍ୟଜଣେ ଅଭିଯୁକ୍ତ ଫେରାର ରହିଛି। ଖୁବଶୀଘ୍ର ତାକୁ ଗିରଫ କରାଯିବ ବୋଲି ପୁଲିସ ବୋଲି ସୂଚନା ଦେଇଛି। ପୁଲିସ ସୂଚନା ଅନୁସାରେ, ଗତ ଶନିବାର ରାତିରେ ଜ୍ୟୋତି ଏବଂ ୪ ଅଭିଯୁକ୍ତଙ୍କ ମଧ୍ୟରେ ଭିଏସଏସ ନଗର ରାସ୍ତାରେ ଝଗଡ଼ା ହୋଇଥିଲା। ପରେ ଅଭିଯୁକ୍ତମାନେ ଜ୍ୟୋତିଙ୍କୁ ପିଛା କରି ଆକ୍ରମଣ କରିଥିଲେ। ପାଟିଶୁଣି ସ୍ଥାନୀୟ ଲୋକେ ଆସି ଯିବାରୁ ଅଭିଯୁକ୍ତମାନେ ଘଟଣାସ୍ଥଳରୁ ଫେରାର ହୋଇଯାଇଥିଲେ। ଏହି ଘଟଣାରେ ଆହତ ଅବସ୍ଥାରେ ଜ୍ୟୋତିଙ୍କୁ ଚିକିତ୍ସା ପାଇଁ ପଠା ଯାଇଥିବା ବେଳେ ଅଭିଯୁକ୍ତଙ୍କୁ ଧରାଯିବା ପାଇଁ ପୁଲିସର ସ୍ୱତନ୍ତ୍ର ଦଳ ଚଢ଼ଉ ଆରମ୍ଭ କରିଥିଲା।

## ବାଇକ୍ ଓ ଟଙ୍କା ଜବତ; ଦୁଇ ଗିରଫ

**ଭୁବନେଶ୍ୱର, ୧୨।୨(ସମିସ):** ଲୁଟ୍ ଓ ଚୋରି କରୁଥିବା ଅଭିଯୋଗରେ ଦୁଇ ଜଣଙ୍କୁ ଗିରଫ କରିଛି କ୍ୟାପିଟାଲ୍ ଥାନା ପୁଲିସ। ଗିରଫ ଅଭିଯୁକ୍ତମାନେ ହେଉଛନ୍ତି କେଦାରପଲ୍ଲୀ ବସ୍ତିର ବବୁଲ ନାୟକ (୨୪) ଓ ଶିଶୁଭବନ ଅଞ୍ଚଳର ଚିତ୍ତରଞ୍ଜନ ପ୍ରଧାନ (୪୧)। ପୁଲିସ ସୂଚନା ଅନୁସାରେ, ୟୁନିଟ୍ ୩ ଅଞ୍ଚଳର କବାଡ଼ିଆ ପ୍ରଦୀପ କୁମାର ଦଡା ଗତ ୫ ତାରିଖ ଅପରାହ୍ଣରେ କବାଡ଼ି ସାମଗ୍ରୀ ନେଇ ଶିଶୁଭବନ ଛକରୁ ଦୋକାନକୁ ଯାଉଥିଲେ। ସେହି ସମୟରେ ବବୁଲ ତାଙ୍କୁ ରାସ୍ତାରେ ଅଟକାଇ ତାଙ୍କଠାରୁ ୫ହଜାର ଟଙ୍କା ଲୁଟ୍ କରି ନେଇଥିଲା। ଏ ନେଇ କ୍ୟାପିଟାଲ ଥାନାରେ ଅଭିଯୋଗ ହେବାପରେ ପୁଲିସ ବବୁଲକୁ ଗିରଫ କରି ତା ଠାରୁ ଏକ ହଜାର ଟଙ୍କା ଜବତ କରିଥିଲା। ପୂର୍ବରୁ ବବୁଲ ନାମରେ କ୍ୟାପିଟାଲ, ଏୟାରପୋର୍ଟ, ଧଉଳି ଓ ବଡ଼ଗଡ଼ ଥାନାରେ ୧୦ଟି ଅପରାଧିକ ମାମଲା ରହିଥିବା ତଦନ୍ତ ବେଳେ ଜଣାପଡ଼ିଥିଲା। ସେହିପରି ପ୍ରଦ୍ୟୁମ୍ନ ରାଉତ ଗତ ୭ ତାରିଖ ଦିନ ଲୋୟର ପିଏମ୍‌ଜି ଧାରଣାସ୍ଥଳ



ନିକଟରେ ତାଙ୍କ ମଟରସାଇକଲକୁ ପାର୍କିଂ କରିଥିଲେ। ଚିତ୍ତରଞ୍ଜନ ତାଙ୍କ ବାଇକ୍‌କୁ ଚୋରିକରି ନେଇଥିଲା। ଏ ନେଇ କ୍ୟାପିଟାଲ ଥାନାରେ ଅଭିଯୋଗ ହେବାପରେ ପୁଲିସ ମାମଲା ରୁଜୁ କରି ତଦନ୍ତ କରୁଥିଲା। ସୋମବାର ମାଷ୍ଟରକ୍ୟାଣ୍ଟିନ୍ ମୋ ବସଷ୍ଟାଣ୍ଡରେ ଚଢ଼ଉ କରି ଚିତ୍ତରଞ୍ଜନକୁ କାବୁ କରିବା ସହିତ ଚୋରି ବାଇକ୍‌କୁ ଜବତ କରିଥିଲା। ଚିତ୍ତରଞ୍ଜନ ନାମରେ ପୂର୍ବରୁ ଏୟାରପୋର୍ଟ ଓ କ୍ୟାପିଟାଲ ଥାନାରେ ୫ଟି ମାମଲା ରହିଥିବା ଜଣାପଡ଼ିଥିଲା। ବବୁଲ ଓ ଚିତ୍ତରଞ୍ଜନ ଅଭ୍ୟାସଗତ ଅପରାଧୀ ହୋଇଥିବାରୁ ସେମାନଙ୍କ ବିରୋଧରେ ସିଆରପିସି ଧାରା ୧୧୦ ଅନୁସାରେ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ପୁଲିସ କହିଛି।

# ଏଣିକି କାଠିକର ହେବ ସାଇବର୍ ଡାଟା ଚୋରି

**ଭୁବନେଶ୍ୱର, ୧୨।୨(ସମିସ):** ସାଇବର୍ ଡାଟା ଚୋରିରେ ନିୟନ୍ତ୍ରଣ ଲଗାଇବାକୁ ଭୁବନେଶ୍ୱରରେ ଆରମ୍ଭ ହୋଇଛି ଡାଟା ସେଫଗାର୍ଡର ୨୪ ଘଣ୍ଟିଆ ଆର୍‌ଆଣ୍ଡଡି କେନ୍ଦ୍ର। ଯାହା ଏଆଇ ଚାଳିତ ଡାଟା ପ୍ରାଇଭେସୀ କମ୍ପ୍ଲିଆନ୍ସ ଓ ସିନ୍‌ଥେଟିକ ଫ୍ରଡ୍ ରୋକିବାରେ କାର୍ଯ୍ୟ

- ଡାଟା ସେଫଗାର୍ଡର ଆର୍‌ଆଣ୍ଡଡି କେନ୍ଦ୍ର କାର୍ଯ୍ୟକ୍ଷମ
- ନିଯୁକ୍ତି ପାଇବେ ଏକ ହଜାର ଓଡ଼ିଆ ଯୁବଗୋଷ୍ଠୀ

କରିବ। ଏହାକୁ ଆନୁଷ୍ଠାନିକ ଭାବେ ଉଦ୍‌ଘାଟନ କରିଛନ୍ତି ରାଜ୍ୟସଭା ସାଂସଦ ଅମର ପଟ୍ଟନାୟକ। ଭୁବନେଶର ହୋଇଥିବା ଡାଟା ସେଫ୍‌ଗାର୍ଡ କେନ୍ଦ୍ର ବୈଷୟିକ ଜ୍ଞାନ କୌଶଳ ବୃଦ୍ଧି କରିବା ସହ ସାମାଜିକ ଓ ଅର୍ଥନୈତିକ ଅଭିବୃଦ୍ଧିରେ ସହାୟକ ହେବ ବୋଲି ଆଶା କରାଯାଉଛି। ଏଆଇ ଟେକ୍ନୋଲୋଜି ଦ୍ୱାରା ପରିଚାଳିତ ଏହି କେନ୍ଦ୍ର ୨୪ ଘଣ୍ଟିଆ କାର୍ଯ୍ୟ କରିବ। ଡାଟା ଚୋରି ଉପରେ ନଜର ରଖିବା ସହ ଏହି ସମସ୍ୟାର ସମାଧାନ ଦିଗରେ କାମ କରିବ। ଆମେରିକା ସହ ଭାରତର ଦିଲ୍ଲୀ ଓ ବେଙ୍ଗାଲୁରୁ ପରେ ଓଡ଼ିଶାରେ ସଂସ୍ଥାର ଏହି ପ୍ରୟାସକୁ ସ୍ୱାଗତ କରାଯାଇଛି। ପ୍ରାୟ ୧ ହଜାର ଓଡ଼ିଆ ଯୁବକ ଯୁବତୀଙ୍କୁ ଏଥିରେ ନିଯୁକ୍ତି ସୁଯୋଗ ମିଳିବ ବୋଲି ଡାଟା ସେଫଗାର୍ଡ ପକ୍ଷରୁ କୁହାଯାଇଛି।

# ମାଆ ଆଗରେ ଚାଲିଗଲା ଝିଅର ଜୀବନ

**ଭୁବନେଶ୍ୱର, ୧୨।୨(ସମିସ):** ଖଣ୍ଡଗିରି ଥାନା ବରମୁଣ୍ଡା ରାସ୍ତାରେ ରାଜପଥ ପାରି ହେଉଥିବା ବେଳେ ବସ୍ ଧକ୍କାରେ ଛାତ୍ରୀଙ୍କ ମୃତ୍ୟୁ ଘଟିଛି। ନିଜ ମାଆଙ୍କ ଆଗରେ ଝିଅର ମୃତ୍ୟୁ ଘଟିଛି। ମୃତକ ହେଲେ ସସ୍ମିତା ପ୍ରଧାନ (୧୬)। ଘର ପୁରୀ ଜିଲ୍ଲା କଣାସ ବ୍ଲକ ମନ୍ଦାରବସ୍ତରେ। ସସ୍ମିତା ଖଣ୍ଡଗିରିସ୍ଥିତ ଅରବିନ୍ଦ ଶିକ୍ଷାନୁଷ୍ଠାନ ହଷ୍ଟେଲରେ ରହି ପାଠ ପଢୁଥିଲେ। ସେ ଯୁକ୍ତଦୁଇର ପ୍ରଥମ ବର୍ଷର ଛାତ୍ରୀ ଥିଲେ। ସୂଚନାନୁସାରେ, ମୃତ ସସ୍ମିତାଙ୍କୁ ହଷ୍ଟେଲରୁ ଘରକୁ ନେବା ପାଇଁ ମା' ଭୁବନେଶ୍ୱର ଆସିଥିଲେ। ହଷ୍ଟେଲରୁ ବାହାରି ଅପରାହ୍ଣ ପ୍ରାୟ ୫ଟାରେ ତପୋବନ ରାସ୍ତାରୁ ଖଣ୍ଡଗିରି ରମାମଣୀ ପେଟ୍ରୋଲ ପମ୍ପ ଆଡ଼କୁ ରାସ୍ତା ପାରି ହେଉଥିବାବେଳେ ଖଣ୍ଡଗିରି ପଟୁ ଆସୁଥିବା ଏକ

## ରାସ୍ତାପାରି ହେଉଥିବା ବେଳେ ଚଢ଼ିଗଲା ବସ୍

ମଟରସାଇକଲ ପ୍ରଥମେ ସସ୍ମିତାଙ୍କୁ ଧକ୍କା ଦେବାରୁ ସେ ରାସ୍ତାରେ ପଡ଼ି ଯାଇଥିଲେ। ଏହି ସମୟରେ ମାଆ ଦୌଡ଼ି ଆସି ପହଞ୍ଚିବା ବେଳକୁ ଝିଅର ମୁଣ୍ଡ ଉପରେ ବସ୍ ଚଢ଼ି ଯାଇଥିଲା। ଘଟଣାସ୍ଥଳରେ ସସ୍ମିତାଙ୍କ ମୃତ୍ୟୁ ଘଟିଥିଲା। ଅନ୍ୟପଟେ ମଟରସାଇକଲ ଚାଳକ କିଛି ଦୂରକୁ ଛିଟିକି ପଡ଼ି ଗୁରୁତର ଆହତ ହୋଇଥିଲେ। ଦୁର୍ଘଟଣା ପରେ ଘଟଣାସ୍ଥଳରୁ ଧକ୍କା ଦେଇଥିବା ଗାଡ଼ି ଫେରାର ହୋଇଯାଇଛି। ଖଣ୍ଡଗିରି ଥାନା ପୁଲିସ ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଜବତ କରିବା ସହ ଜାତୀୟ ରାଜପଥ ୧୬ରେ ଲାଗିଥିବା ସିସିଟିଭି ଫୁଟେଜରୁ କେଉଁ ଗାଡ଼ି ଦୁର୍ଘଟଣା ଘଟାଇଛି ତାହା ଜାଣିବା ପାଇଁ ଉଦ୍ୟମ ଆରମ୍ଭ କରିଛି।

• ଶୁଭ୍ରାଂଶୁ ମୃତ୍ୟୁ ମାମଲା

## କାର୍ଯ୍ୟାନୁଷ୍ଠାନ ପାଇଁ ଓଏଚ୍‌ଆର୍‌ସିଙ୍କୁ ଦାବିପତ୍ର

**ଭୁବନେଶ୍ୱର, ୧୨।୨(ସମିସ):** ଖୋର୍ଦ୍ଧା ସିମୋର ଅଞ୍ଚଳର ଶୁଭ୍ରାଂଶୁଙ୍କ ମୃତ୍ୟୁ ଘଟଣାକୁ ନେଇ ଓଏଚ୍‌ଆର୍‌ସିଙ୍କ ଦ୍ୱାରସ୍ଥ ହୋଇଛନ୍ତି ତାଙ୍କ ପରିବାର ଲୋକେ। ସୂଚନା ଅନୁଯାୟୀ ଗତ ଜାନୁଆରୀ ୯ରେ କଟକ ବଡ଼ ମେଡିକାଲରେ ଖୋର୍ଦ୍ଧା ଜିଲ୍ଲା ସିମୋର ଅନ୍ତର୍ଗତ କଣ୍ଟାମାଳିମ ଗ୍ରାମର ଶୁଭ୍ରାଂଶୁ ସବ୍ୟସାଚୀ ସାହୁଙ୍କ ପ୍ରଥମ ହାପଲୋ ପଦ୍ଧତିରେ ଆଲେକଜେନ ଅସ୍ଥି ମଜ୍ଜା ପ୍ରତିରୋପଣ (ବ୍ରୋନ୍ ମ୍ୟାରୋ) କରାଯାଇଥିଲା। ୧୮ ତାରିଖ ସକାଳରେ ଶୁଭ୍ରାଂଶୁଙ୍କର ହଠାତ୍ ମୃତ୍ୟୁ ହୋଇଥିବା ଡାକ୍ତର ଘୋଷଣା କରିଥିଲେ। ଡାକ୍ତରଖାନା କର୍ତ୍ତୃପକ୍ଷ ଶୁଭ୍ରାଂଶୁଙ୍କ ପରିବାରବର୍ଗଙ୍କୁ ମୃତ୍ୟୁ ସମ୍ବନ୍ଧୀୟ କୌଣସି ସୂଚନା ନଦେଇ ମେଡିକାଲର ଗାଧୁଆଘରେ ପଡ଼ିଯାଇ ହୃଦ୍‌ଘାତରେ ତାଙ୍କ ମୃତ୍ୟୁ ହୋଇଛି ବୋଲି ଗଣମାଧ୍ୟମକୁ ସୂଚନା ଦେଇଥିଲେ। ଏହି ବିରଳ ଅସ୍ତ୍ରୋପଚାର ଓଡ଼ିଶାରେ ପ୍ରଥମ ଘଟଣା ଏବଂ ଡାକ୍ତର ପରୀକ୍ଷାମୂଳକ ଭାବେ ଶୁଭ୍ରାଂଶୁଙ୍କୁ ମାରି ଦେଇଥିବା ତାଙ୍କ ବାପା ସନାତନ ସାହୁ ଅଭିଯୋଗ କରିଛନ୍ତି। ନ୍ୟାୟ ପାଇବା ପାଇଁ ଶ୍ରୀ ସାହୁ ସୋମବାର ରାଜ୍ୟ ମାନବାଧିକାର ଆୟୋଗଙ୍କ ଦ୍ୱାରସ୍ଥ ହୋଇଛନ୍ତି। ଏଥିସହ ଆୟୋଗଙ୍କୁ ସାକ୍ଷାତ କରି ଦୋଷୀଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ ସେ ଦାବି କରିଛନ୍ତି। ଦାବିପତ୍ର ପ୍ରଦାନ ସମୟରେ ମୃତ ଶୁଭ୍ରାଂଶୁଙ୍କ ମାମୁ ନିରଞ୍ଜନ ସାହୁ, ନାରାୟଣ ଚନ୍ଦ୍ର ଓଝା ଉପସ୍ଥିତ ଥିଲେ।

**୫ ଏକର ଜଙ୍ଗଲ ଜମି ବିକ୍ରି ଘଟଣା**

# କିସ୍ତିରେ ଚାଲିଛି ବେଆଇନ ଜମି ବେପାର

**ଭୁବନେଶ୍ୱର, ୧୨।୨(ସମିସ):**

ଶିଖରଚଣ୍ଡୀ ମୁଣ୍ଡିଆ ତଳେ ହୋଇଥିବା ବେଆଇନ ଜଙ୍ଗଲ ଜମିକୁ ମାଫିଆମାନେ ପ୍ଲଟିଂ କରି ବିକ୍ରି କରୁଥିବାବେଳେ ଲୋକମାନେ ମଧ୍ୟ ଯୁଦ୍ଧକାଳୀନ ଭିତ୍ତିରେ ବେଆଇନ ନିର୍ମାଣ ଚଳାଇଛନ୍ତି। ମାଫିଆମାନେ ପୂର୍ବରୁ ସମ୍ପୂର୍ଣ୍ଣ ଟଙ୍କା ପାଇବା ପରେ ଜମି ବିକ୍ରି କରୁଥିବା ବେଳେ ଏବେ ନୂଆ ଢଙ୍ଗରେ ଜମି ବିକୁଛନ୍ତି। ଏକାଥରକେ ଟଙ୍କା ନ ନେଇ ଲୋକଙ୍କ ବିଶ୍ୱାସଭାଜନ ହେବା ପାଇଁ ଦଲାଲ୍‌ମାନେ

## ୧୪୪ ଧାରା ଲାଗୁ ପାଇଁ ତହସିଲ୍‌ଦାରଙ୍କ ଚିଠି

କିସ୍ତିରେ ଟଙ୍କା ନେଇ ସରକାରୀ ଜମି ବିକ୍ରି କରୁଛନ୍ତି। ସେପଟେ ଜମି ବିକ୍ରି ଓ ବେଆଇନ ଜବରଦଖଲରେ ଅଙ୍କୁଶ ଲଗାଇବା ପାଇଁ ମାଫିଆଙ୍କ ବିରୋଧରେ ପାଦେ ଆଗେଇଛି ପ୍ରଶାସନ। ଜବରଦଖଲ ବା ବିବାଦୀୟ ଜମି ଉପରେ ୧୪୪ ଧାରା ଲାଗୁ କରିବା ପାଇଁ ଭୁବନେଶ୍ୱର ଡିସିପି ପ୍ରତୀକ ସିଂଙ୍କୁ ଚିଠି ଲେଖିଛନ୍ତି ତହସିଲଦାର ମାନସ ରଞ୍ଜନ ସ୍ୱାଇଁ। ସୂଚନା ଅନୁସାରେ, ଶିଖରଚଣ୍ଡୀ ପାହାଡ଼ ପାଦଦେଶରେ ବା ପଥରଗାଡ଼ିଆ ମୌଜାରେ ରହିଛି ଜଙ୍ଗଲ ଓ ପତିତ କିସମର ଆବାଦ ଯୋଗ୍ୟ ଅନାବାଦୀ ଜମି। ପୂର୍ବରୁ ସେହି ଜମିକୁ ବିଭିନ୍ନ ଲୋକଙ୍କୁ ଲିଜ୍ ସୂତ୍ରରେ ଦିଆଯାଇଥିବା ବେଳେ ୨୦୧୪ ମସିହା ବନ୍ଦୋବସ୍ତ ପରେ ଲିଜ୍ ଜମିଗୁଡ଼ିକ ପୁଣି ସରକାରଙ୍କ ଖାତାକୁ ଫେରି ଯାଇଥିଲା। ସେହି ଜମିରେ ବିଭିନ୍ନ ଔଷଧୀୟ ବୃକ୍ଷ ସମେତ ଶତାଧିକ ଗଛ ଲାଗିଥିଲା। ବର୍ଷ ଆରମ୍ଭରୁ ସ୍ଥାନୀୟ ଅଞ୍ଚଳର କିଛି ମୁଷ୍ଟିମେୟ ଜମି ମାଫିଆ ଏକାଠି ହୋଇ ପ୍ରାୟ ୫ ଏକରରୁ ଅଧିକ ଜଙ୍ଗଲ ଜମିକୁ ବେଆଇନ ଭାବେ ପ୍ଲଟିଂ କରି ବିକ୍ରି କରିବାରେ ଲାଗିଛନ୍ତି। ୩୦ ଫୁଟ୍ ଓସାରରେ ୩୦ ଫୁଟ୍ ଲମ୍ବ ବା ୯୦୦ ବର୍ଗଫୁଟ୍‌ର ପ୍ରାୟ ୧୫୦ରୁ ଅଧିକ ପ୍ଲଟିଂ କରିଛନ୍ତି। ବିନା କୌଣସି କାଗଜପତ୍ରରେ ଗୋଟିଏ ପ୍ଲଟକୁ ଦେଢ଼ ଲକ୍ଷ ଟଙ୍କା ଲେଖାଁଏରେ ବିକ୍ରି କରୁଛନ୍ତି। ଆରମ୍ଭରୁ ସମ୍ପୂର୍ଣ୍ଣ ଟଙ୍କା ନେବାପରେ ଜମି



ବିକ୍ରି କରୁଥିବା ବେଳେ ଏବେ ବିକ୍ରୟ ତରିକା ବଦଳାଇଛନ୍ତି। ବର୍ତ୍ତମାନ ମାଫିଆମାନେ ଅଗ୍ରୀମ ୧୦ ହଜାର ଟଙ୍କା ନେବା ପରେ ଘର କରିବାକୁ ଅନୁମତି ଦେଉଛନ୍ତି। ଅଧା ଘର ନିର୍ମାଣ ସରିଲେ ୫୦ ହଜାର ଟଙ୍କା ଓ ନିର୍ମାଣ କାମ ଶେଷରେ ବାକି ୯୦ହଜାର ଟଙ୍କା ନେଉଛନ୍ତି। ଏଭଳି ସୁବିଧା ମିଳୁଥିବାରୁ ଗରିବ ତଥା ମଧ୍ୟବିତ ଶ୍ରେଣୀର ଲୋକେ ମଧ୍ୟ ସହଜରେ ପ୍ରଲୋଭିତ ହେଉଛନ୍ତି। ଆଉ ବାଛବିଚାର ନ କରି ବିନା କାଗଜପତ୍ରରେ ସରକାରୀ ଜମିକୁ କିଣି ଘର ତିଆରି କରୁଛନ୍ତି। ଏବେ ସୁଦ୍ଧା ପ୍ରାୟ ୧୦୦ରୁ ଅଧିକ ପ୍ଲଟ୍‌କୁ ବେଆଇନ ଭାବେ ବିକ୍ରିକରି ସାରିଥିବାବେଳେ ୫୦ଟି ପ୍ଲଟ୍‌ରେ ଘର ଛିଡ଼ା ହୋଇଗଲାଣି। ଜବରଦଖଲର ତଦନ୍ତ ପାଇଁ ନିକଟରେ ଭୁବନେଶ୍ୱର ତହସିଲଦାର୍ ଦେବାପରେ ସ୍ଥାନୀୟ ରାଜସ୍ୱ ନିରୀକ୍ଷକ (ଆରଆଇ) ଘଟଣାର ତଦନ୍ତ କରିବା ପରେ ତହସିଲଦାରଙ୍କୁ ରିପୋର୍ଟ ଦେଇଥିଲେ। ଏମିତିକି ତହସିଲଦାର ନିଜେ ମଧ୍ୟ ସେଠାକୁ ଯାଇ ଜବରଦଖଲକାରୀଙ୍କୁ ତାଗିଦ କରିବା ସହିତ ବେଆଇନ ନିର୍ମାଣ ବନ୍ଦ କରିବାକୁ କହିଥିଲେ। ହେଲେ ଜମି ମାଫିଆମାନେ ତହସିଲଦାରଙ୍କ କଥାକୁ ଭ୍ରୂକ୍ଷେପ ନ କରି ପୁନଃ ଜମି ବିକ୍ରି ଓ ବେଆଇନ ନିର୍ମାଣ ଜାରି ରଖିଥିଲେ। ବେଆଇନ ଜବରଦଖଲରେ ରୋକ୍ ଲଗାଇବା ଲାଗି ପ୍ରଶାସନ ପକ୍ଷରୁ ପଦକ୍ଷେପ ନିଆଯାଇଛି। ସେହି ଜମିରେ ୧୪୪ ଧାରା ଲାଗୁ କରିବା ପାଇଁ ସୋମବାର ଭୁବନେଶ୍ୱର ତହସିଲଦାର ଶ୍ରୀ ସ୍ୱାଇଁ ଭୁବନେଶ୍ୱର ଡିସିପିଙ୍କୁ ଚିଠି ଲେଖି ଅବଗତ କରିଛନ୍ତି।

# ଭୁବନେଶ୍ୱର ସିଟି



## ଠିକା ସଂସ୍ଥାର ମନମାନୀ

# ଆସୁନି ଗାଡ଼ି; ଗଦାହେଉଛି ଆବର୍ଜନା

**ଭୁବନେଶ୍ୱର, ୧୨।୨(ସମିସ):**

ରାଜଧାନୀବାସୀଙ୍କ ପାଇଁ ବିଏମ୍‌ସି ଡୋର ଟୁ ଡୋର ଗାର୍ବେଜ କଲେକସନ୍ ବା ଘରୁ ଦୁଆର ମୁହଁରୁ ଅଳିଆ ନେବା

- କର୍ପୋରେଟରଙ୍କୁ ଫେରାଦ ହେଲେ କେଦାରପଲ୍ଲୀ ବସ୍ତିବାସିନ୍ଦା
- ପଣ୍ଡାକୁଦିଆ ବସ୍ତିରେ ଅବସ୍ଥା ଦୟନୀୟ



ଭଳି ବ୍ୟବସ୍ଥା କରାଯାଇଛି। ବିଏମ୍‌ସିର ସଫେଇ ଗାଡ଼ି ଘରକୁ ପାଖକୁ ଆସିବ। ସଫେଇ କର୍ମୀ ଘରୁ ଆସି ଅଳିଆ ନେଇ ଯିବେ। ହେଲେ କିଛି ସ୍ଥାନରେ ଠିକାସଂସ୍ଥା ମନମାନୀ କରୁଛି। ବସ୍ତି ଭିତରକୁ ଗାଡ଼ି ଯାଉନାହିଁ। ଉପର ଠଉରିଆ ଭାବେ ମୁଖ୍ୟ ରାସ୍ତାରେ ଗାଡ଼ି ବୁଲିଯାଉଛି ବୋଲି ଅଭିଯୋଗ ହେଉଛି। ତେଣୁ ବସ୍ତିବାସିନ୍ଦା ଆବର୍ଜନାକୁ ସଫେଇ ଗାଡ଼ିକୁ ଦେଉନାହାନ୍ତି। ଏକ ନିର୍ଦ୍ଦିଷ୍ଟ ସ୍ଥାନରେ ଗଦା କରୁଛନ୍ତି। ଦିନ ଦିନ ଧରି ଅଳିଆ ନ ଉଠିବାରୁ ସହରର ସୌନ୍ଦର୍ଯ୍ୟକରଣ ନଷ୍ଟ ହେବା ସହ ଦୁର୍ଗନ୍ଧରେ ଲୋକଙ୍କ ନାକ ଫାଟୁଛି। ଠିକା ସଂସ୍ଥା ଏକାଧିକ ବସ୍ତିରେ ଏଭଳି ମନମାନୀ କରୁଥିବା ନଜରକୁ ଆସିଛି। ଫଳରେ ଏକ ବ୍ୟବସ୍ଥିତ ଅଳିଆ ଉଠା କାର୍ଯ୍ୟ ଦିଗହରା ହେବାକୁ ସମୟ ଲାଗିବନି।

ଶ୍ୟାମ୍‌ପୁର ପଣ୍ଡାକୁଦିଆ ବସ୍ତିକୁ ଗାଡ଼ି ଆସୁଛି। ହେଲେ ମୁଖ୍ୟ ରାସ୍ତାରେ ଦେଇ ଚାଲିଯାଉଛି। ଗଳିରେ ସଫେଇ ଗାଡ଼ି ପ୍ରବେଶ କରିବାକୁ ପର୍ଯ୍ୟାପ୍ତ ଜାଗା ଥିଲେ ମଧ୍ୟ ଗଳି ଭିତରକୁ ଗାଡ଼ି ଯାଉନାହିଁ। ତେଣୁ ଗାଡ଼ି କେତେବେଳେ ଆସି ଚାଲିଯାଉଛି ତାହା ଜଣା ପଡୁନାହିଁ। ଲୋକେ ଅଳିଆ ଦେବାକୁ ହଇରାଣ ହେଉଛନ୍ତି। ଅନ୍ୟପକ୍ଷରେ ଏହି ବସ୍ତିରେ ଅଧିକାଂଶ ଲୋକେ ଦିନମଜୁରିଆ ଶ୍ରେଣୀର ହୋଇଥିବାରୁ ସେମାନେ ସକାଳ ୯ଟା ମଧ୍ୟରେ କାମ ଖୋଜିବାକୁ ବାହାରି ଯାଉଛନ୍ତି। ତେଣୁ ଏଠାରେ ସଫେଇ ଗାଡ଼ିକୁ ୬ଟାରୁ ୮ଟା ମଧ୍ୟରେ ପଠାଇବାକୁ ଅନୁରୋଧ କରାଯାଇଛି। ଏଭଳି ସମସ୍ୟା ସୃଷ୍ଟି ହେବାରୁ ବସ୍ତି ନିକଟରେ ଏକ ଅସ୍ଥାୟୀ ଅଳିଆଗଦା ସୃଷ୍ଟି ହେଲାଣି। ଏଠାରୁ ନିୟମିତ ଦୁର୍ଗନ୍ଧ ବାହାରୁଛି। ଏହି ଅଳିଆଗଦାରୁ ଅଳିଆ ହଟାଇବା ସହ ଘର ପାଖକୁ ୬ଟାରୁ ୮ଟା ମଧ୍ୟରେ ଆସିବାକୁ ସ୍ଥାନୀୟଲୋକେ ଦାବି କରିଛନ୍ତି।

ଅନ୍ୟ ପକ୍ଷରେ ଘରୋଇ ଠିକା ସଂସ୍ଥା ଯୋଗୁଁ କେଦାରପଲ୍ଲୀ ବସ୍ତି ଭିତରକୁ ସଫେଇ ଗାଡ଼ି ଆସୁନାହିଁ। ଫଳରେ ଏଠାରେ ସ୍ଥାନୀୟ ଲୋକେ ରାସ୍ତାରେ ଅଳିଆ ଫୋପାଡୁଛନ୍ତି। ଗୋରୁଗାଈ ଏହାକୁ ଖାଇବା ଅସ୍ୱାସ୍ଥ୍ୟକର ପରିବେଶ ସୃଷ୍ଟି ହେଉଛି। ଠିକାସଂସ୍ଥାର ମନମାନୀ ଯୋଗୁଁ ଏଭଳି ଘଟୁଥିବା ନେଇ ଲୋକେ ସ୍ଥାନୀୟ କର୍ପୋରେଟରଙ୍କ ନିକଟରେ ଅଭିଯୋଗ କରିଛନ୍ତି। ଏହାକୁ ଖୁବ୍‌ଶୀଘ୍ର ବିଏମ୍‌ସିର ଉଚ୍ଚପଦସ୍ଥ ଅଧିକାରୀଙ୍କୁ ଜଣାଯିବ ବୋଲି ନିଷ୍ପତ୍ତି ନିଆଯାଇଛି।

## ମୁଖ୍ୟମନ୍ତ୍ରୀଙ୍କୁ ଧନ୍ୟବାଦ ଦେଲା ଓଡ଼ିଶା ବରିଷ୍ଠ ନାଗରିକ ମହାସଂଘ



**ଭୁବନେଶ୍ୱର, ୧୨।୨(ସମିସ):** ରାଜ୍ୟରେ ବାର୍ଦ୍ଧକ୍ୟ ଭତ୍ତା ବୃଦ୍ଧି ପାଇଁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ଧନ୍ୟବାଦ ଜଣାଇଲେ ଓଡ଼ିଶା ବରିଷ୍ଠ ନାଗରିକ ମହାସଂଘ। ଏହି ଅବସରରେ ମହାସଂଘ ପକ୍ଷରୁ କେସୁରାସ୍ଥିତ ଦୁର୍ଗା ପଡ଼ିଆରେ ଆୟୋଜିତ ଏକ କାର୍ଯ୍ୟକ୍ରମରେ ବରିଷ୍ଠ ନାଗରିକମାନେ ଏକତ୍ରିକ ହୋଇ ମୁଖ୍ୟମନ୍ତ୍ରୀଙ୍କ ଏହି ପଦକ୍ଷେପକୁ ପ୍ରଶଂସା କରିଛନ୍ତି। କାର୍ଯ୍ୟକ୍ରମରେ ସଂଘର ସାଧାରଣ ସମ୍ପାଦକ ଯୁଗଳ କିଶୋର ସାହୁ ସଭାପତିତ୍ୱ କରିଥିବାବେଳେ ମୁଖ୍ୟ ଅତିଥି ଭାବେ ରାଜ୍ୟ ବରିଷ୍ଠ ନାଗରିକ ତୀର୍ଥଯାତ୍ରା ଯୋଜନାର ଉପଦେଷ୍ଟା ଦୁର୍ଗା ପ୍ରସାଦ ସାମନ୍ତରାୟ ଯୋଗଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ସରପଞ୍ଚ ବିକ୍ରମ ସେଠୀ ଉପସ୍ଥିତ ଥିଲେ। ଶେଷରେ କ୍ଷୀରୋଦ କୁମାର ପରିଡ଼ା ଧନ୍ୟବାଦ ଅର୍ପଣ କରିଥିଲେ।

## ନିଖିଳ ଓଡ଼ିଶା ସମବାୟ ସଂଘ ଗଠିତ

**ଭୁବନେଶ୍ୱର, ୧୨।୨(ସମିସ):** ନିଖିଳ ଓଡ଼ିଶା ସମବାୟବିତ୍ ସଂଘର ଏକ ଜରୁରୀ ବୈଠକ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ଓଡ଼ିଶାର ପାକ୍ସରୁ ଆପେକ୍ସ୍ ସମସ୍ତ ନିର୍ବାଚିତ ପ୍ରତିନିଧି ଓ ପୂର୍ବରୁ ଥିବା ପ୍ରତିନିଧିମାନେ ଏହାର ସଭ୍ୟ ହେଇପାରିବେ ବୋଲି ସଙ୍ଘ ପକ୍ଷରୁ କୁହାଯାଇଛି। ଓଡ଼ିଶାରେ ଏହା ସମସ୍ତ ଜିଲ୍ଲାରେ କାର୍ଯ୍ୟ କରୁଥିବାରୁ ଏଥିରେ ୧୦୦ ଜଣଙ୍କୁ ନେଇ କମିଟି ଗଠନ କରାଯିବ ବୋଲି ଆଲୋଚନା ହୋଇଥିଲା। ଏହି ବୈଠକରେ ୨୧୧ ଜଣ ସଭ୍ୟ ଉପସ୍ଥିତ ଥିଲେ। ପ୍ରଥମ ପର୍ଯ୍ୟାୟରେ ୨୩ ଜଣଙ୍କୁ ନେଇ କମିଟି ଘୋଷଣା କରାଯିବ ବୋଲି ଏକ ପ୍ରସ୍ତାବ ଗୃହୀତ ହୋଇଥିଲା। ରାଜ୍ୟ ସମବାୟ ୟୁନିଅନର ନିର୍ଦ୍ଦେଶକ ରଞ୍ଜନ ଦାସଙ୍କୁ ଦୁଇବର୍ଷ ପାଇଁ ସଂଘର ଅଧ୍ୟକ୍ଷ ଭାବେ ଦାୟିତ୍ୱ ଦିଆଯାଇଛି। ପ୍ରଥମ ପର୍ଯ୍ୟାୟରେ ରଞ୍ଜନ ଦାସ, ପର୍ଶୁରାମ ମହାପାତ୍ର, ଉଦୟନାଥ ଖଣ୍ଡେଇ, ବିଦ୍ୟୁତ୍ ନାୟକ, ଶଶାଙ୍କ ମହାନ୍ତି, ସରୋଜ ପାତ୍ର, ଅନ୍ତର୍ଯ୍ୟାମୀ ପଟ୍ଟନାୟକ, ହରିହର ସ୍ୱାଇଁ, ଅଶ୍ୱିନୀ ନାୟକ, ଭରତ ଚନ୍ଦ୍ର ବେହେରା, ପ୍ରମୋଦ ସାମନ୍ତରାୟ, ଶୁଭଲକ୍ଷ୍ମୀ ଦାସ, ତପନ ବିହାରୀ ଭଞ୍ଜ, ମଳୟ କୁମାର ଜେନା, ଜୟନ୍ତ ନାୟକ, ରାଜେଶ ନିଗମ, ସାନନ୍ଦ ମେହେର, ଅଜୟ ସାମଲ, ଗୌତମ ଆଚାର୍ଯ୍ୟ, କିଶୋର ମେହେର, ଚିତ୍ରସେନ ନିଶଙ୍କ, ବିରୋସେନ୍ ସାହୁ ଓ ସୁର୍ଦର୍ଶନ ମିଶ୍ରଙ୍କୁ ସଦସ୍ୟ ଭାବେ ନିଆଯାଇଛି। ଟେକ୍‌ନୋ ଇଞ୍ଜିନିୟରିଂର ସମ୍ପାଦକ କୁଳମଣି ସେନାପତି ଧନ୍ୟବାଦ ଅର୍ପଣ କରିଥିଲେ।

## ବିଦ୍ୟାଳୟର ବାର୍ଷିକ ଉତ୍ସବ

**ଯାଁଳା, ୧୨।୨(ସମିସ):** ଜଟଣୀ ବ୍ଲକ ପଞ୍ଚୁପଲ୍ଲୀ ପଞ୍ଚାୟତ ଅଧୀନ ତୃତୀୟାପଡ଼ା ସରସ୍ୱତୀ ଶିଶୁମନ୍ଦିରର ଦ୍ୱିତୀୟବାର୍ଷିକ ଉତ୍ସବ ଓ ମହୁରା ଜାଭିୟର୍ସ ସ୍କୁଲର ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଶିଶୁ ମନ୍ଦିର ବାର୍ଷିକ ଉତ୍ସବରେ ମୁଖ୍ୟ ଅତିଥି ଭାବେ କ୍ୟାପଟେନ୍ ମନ୍ମଥ ରାଉତରାୟଙ୍କ ସହ ଉମେଶ ପଟ୍ଟନାୟକ, ବାସୁଦେବ ଭଞ୍ଜ, ପ୍ରମୋଦ ମହାପାତ୍ର, ସୁଧାଂଶୁ ବଡ଼ଜେନା ଯୋଗଦେଇଥିଲେ। ଏହି ମଞ୍ଚକୁ ମାଧବ ମଙ୍ଗରାଜ ପରିଚାଳନା କରିଥିଲେ। ସ୍କୁଲ ପରିଚାଳନା କମିଟି ସଭାପତି କିଶୋର ସୁନ୍ଦରାୟ ଧନ୍ୟବାଦ ଅର୍ପଣ କରିଥିଲେ। ସେହିପରି ଅଧ୍ୟକ୍ଷ ମନୋଜ ସେନାପତିଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଜାଭିୟର୍ସ ସ୍କୁଲର ବାର୍ଷିକ ଉତ୍ସବରେ ମୁଖ୍ୟ ଅତିଥି ଭାବେ ପୂର୍ବତନ ବିଧାୟକ ବିଭୂତି ଭୂଷଣ ବଳବନ୍ତରାୟ, ଜାଭିୟର୍ସ ଗ୍ରୁପ୍ ଚେୟାରମ୍ୟାନ୍ ପ୍ରଭାତ ମିଶ୍ର, ନଂପୁଟ ସରପଞ୍ଚ ସୁଚିତ୍ରା ପାତ୍ର, ମୁଖ୍ୟ ସଂଯୋଜକ ରମା ବଲ୍ଲଭ ପରିଡ଼ା ଯୋଗ ଦେଇଥିଲେ।

## ଗ୍ରାମାଞ୍ଚଳରେ ମିଳୁନି ପ୍ରାଣୀ ସହାୟତା ସେବା

**ନନ୍ଦନକାନନ, ୧୨।୨(ସମିସ):** ସହରାଞ୍ଚଳରେ ବିପଦରେ ପଡ଼ିଥିବା ପଶୁପକ୍ଷୀଙ୍କୁ ଉଦ୍ଧାର କରି ଚିକିତ୍ସା ସେବା ଯୋଗାଇ ଦେବା ଭଳି ସୁବିଧା ଥିବାବେଳେ ଗ୍ରାମାଞ୍ଚଳରେ ତାହା ମିଳିପାରୁ ନାହିଁ। ଏହାକୁ ନେଇ ଉତ୍ତର ଭୁବନେଶ୍ୱର ବରିମୁଣ୍ଡ ଅଞ୍ଚଳରେ ଅସନ୍ତୋଷ ପ୍ରକାଶ ପାଇଛି। ବରିମୁଣ୍ଡ ଅଞ୍ଚଳରେ ଏକ କୁକୁର ପାଗଳ ହୋଇ ଆତଙ୍କ ଖେଳାଉଥିବାବେଳେ ଲୋକେ ଭୟଭୀତ ହୋଇଛନ୍ତି। ତେଣୁ ରାଜ୍ୟ ଅନିମାଲ ହେଲ୍ପ କଣ୍ଟ୍ରୋଲରୁମ୍, ୧୯୬୨ ଓ ୧୧୨ ନମ୍ବରକୁ ସହାୟତା ପାଇଁ ଗ୍ରାମବାସୀ ଫୋନ୍ କରି ନିରାଶ ବାଣୀ ଶୁଣିବାକୁ ମିଳିଥିଲା। ପରେ ଆନିମଲ୍ ହେଲ୍ପ ଲାଇନ୍‌ରେ ଥିବା ଏସ୍‌ଭିଡିଓ ଅଧିକାରୀଙ୍କୁ ଫୋନ୍ କରିବାରୁ ସେ ଉଠାଇ ନ ଥିଲେ। ଶେଷରେ କିଛି ଯୁବକ ନିଜ ଜୀବନକୁ ବିପଦରେ ପକାଇ ଉକ୍ତ କୁକୁରଟିକୁ ଏକ ଦଉଡ଼ିରେ ଫାଶ କରି କୁକୁର ବେକରେ ଗଳାଇ ବାନ୍ଧିଥିଲେ। ହେଲେ ବେକରେ ଦଉଡ଼ି ଫାଶଟି ଆସ୍ତେ ଆସ୍ତେ ଚାପି ହୋଇଯିବାରୁ କୁକୁର ଜୀବନ ପ୍ରତି ବିପଦ ଦେଖାଦେଇଛି। ଏହି ଅଞ୍ଚଳରେ ପଶୁ ଡାକ୍ତରଖାନା ନ ଥିବା ହେତୁ କୁକୁର କାମୁଡ଼ିଥିବା ଗାଈର ଜୀବନ ବଞ୍ଚାଇବାକୁ ବି ଅସହାୟ ହୋଇପାରିଛନ୍ତି ଗୋପାଳକ। ଅନ୍ୟପକ୍ଷରେ କୁକୁରଟିକୁ ଅନ୍ୟ କୁକୁର ଆକ୍ରମଣ କରିବା ଦ୍ୱାରା ସେମାନେ ବି ପାଗଳ ହୋଇଯିବାର ଆଶଙ୍କା ରହିଛି। ଆନିମଲ୍ ହେଲ୍ପ ନମ୍ବର ୯୮୬୧୦୩୬୯୭୦କୁ ଫୋନ୍ କରିବାରୁ ଗ୍ରାମାଞ୍ଚଳକୁ ଗାଡ଼ି ବା ଉଦ୍ଧାରକାରୀ ଦଳ ପଠାଇବାର ବ୍ୟବସ୍ଥା ନ ଥିବା କହିଥିଲେ। ବହୁତ ଗୁହାରି କରିବାରୁ, 'ଦେଖୁଛି, କଣ କରି ପାରିବି' ଉତ୍ତର ମିଳିଥିଲା।

## କୃତବିଦ୍ୟ କଳାକାରଙ୍କୁ 'ଅରୁନ୍ଧତୀ ସମ୍ମାନ'




**ଭୁବନେଶ୍ୱର, ୧୨।୨(ସମିସ):** ରାଜ୍ୟସ୍ତରୀୟ ଦ୍ୱାଦଶ ଅରୁନ୍ଧତୀ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଉତ୍ସବରେ ବିଭିନ୍ନ କଳା କ୍ଷେତ୍ରର ୫ବିଶିଷ୍ଟ କୃତବିଦ୍ୟ କଳାକାରଙ୍କୁ 'ଅରୁନ୍ଧତୀ ସମ୍ମାନ-୨୦୨୪'ରେ ସମ୍ମାନିତ କରାଯାଇଛି। ଅଭିନେତା ଅଶ୍ରୁମୋଚନ ମହାନ୍ତି, ଶାସ୍ତ୍ରୀୟ ସଙ୍ଗୀତ ଶିଳ୍ପୀ ବୀଣାପାଣି ରଥ, ଶାସ୍ତ୍ରୀୟ ମର୍ଦ୍ଦଳ ବାଦକ ସଚ୍ଚିଦାନନ୍ଦ ଦାସ, କଳାକାର ତଥା ନାଟ୍ୟ ନିର୍ଦ୍ଦେଶକ ସୀମାଞ୍ଚଳ ପାତ୍ର, ଓଡ଼ିଶୀ ନୃତ୍ୟ ଓ ଶାସ୍ତ୍ରୀୟ ସଙ୍ଗୀତ ଶିକ୍ଷାପାଇଁ ବଲାଙ୍ଗୀରସ୍ଥିତ ସଙ୍ଗୀତ ମହାବିଦ୍ୟାଳୟ 'ସ୍ୱର ଝଙ୍କାର'କୁ ସମ୍ମାନିତ କରାଯାଇଥିଲା। କଣ୍ଠଶିଳ୍ପୀ ଲୋପିତା ବେହେରାଙ୍କୁ 'ଅରୁନ୍ଧତୀ ଯୁବ ପ୍ରତିଭା ସମ୍ମାନ'ରେ ସମ୍ମାନିତ କରାଯାଇଥିଲା। ଗୁରୁ କେଳୁଚରଣ ମହାପାତ୍ର ଓଡ଼ିଶୀ ଗବେଷଣା କେନ୍ଦ୍ରରେ ଅନୁଷ୍ଠିତ ରାଜ୍ୟସ୍ତରୀୟ ମହୋତ୍ସବରେ ଅତିଥି ଭାବେ ରାଜ୍ୟ ଭିନ୍ନକ୍ଷମ କମିସନର ବ୍ରତତୀ ହରିଚନ୍ଦନ, ଉଚ୍ଚଶିକ୍ଷା ବିଭାଗ ନିର୍ଦ୍ଦେଶକ ଭବାନୀଶଙ୍କର ଚୟନି, ଓଡ଼ିଆ ଭାଷା ଓ ସଂସ୍କୃତି ବିଭାଗର ଯୁଗ୍ମ ସଚିବ ତଥା ଓଡ଼ିଶା ସାହିତ୍ୟ ଏକାଡେମୀର ସଚିବ ସୁବୋଧ କୁମାର ଆଚାର୍ଯ୍ୟ ଯୋଗ ଦେଇଥିଲେ। ସଂଗଠନର ସଭାପତି ବରିଷ୍ଠ ଭାରତୀୟ ବନସେବା ଅଧିକାରୀ ହର୍ଷବର୍ଦ୍ଧନ ଉଦ୍‌ଗାତାଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ଏହି ଉତ୍ସବରେ ସାଧାରଣ ସମ୍ପାଦକ ଦେବାନନ୍ଦ ସାମଲ ବିବରଣୀ ଉପସ୍ଥାପନ କରିଥିଲେ। ତବଲା ବାଦିକା ରିମ୍ପା ଶିବା ତବଲା ବାଦନ କରିଥିବା ବେଳେ ନୃତ୍ୟଗୁରୁ ବିଜୟ ସାହୁ ଓ ତାଙ୍କ ଦଳ ଦ୍ୱାରା ଗୋଟିପୁଅ ନୃତ୍ୟ ପରିବେଷଣ କରାଯାଇଥିଲା। ସଂଗଠନର ମୁଖ୍ୟ ସମରେନ୍ଦ୍ର ନାୟକଙ୍କ ନେତୃତ୍ୱରେ ଆୟୋଜିତ ଏହି ସମାରୋହରେ ଅଧ୍ୟାପିକା ଡ. ସାଇରଶ୍ମୀ ଜେନା, ବିଶ୍ୱଜିତ ଭୋଇ, ଶତ୍ରୁଘ୍ନ ସାମଲ ମଞ୍ଚ ପରିଚାଳନା କରିଥିବାବେଳେ ପରିଚାଳନା ସମିତିର ସଭ୍ୟ ବାବୁଲି ସୁନ୍ଦରାୟ, ହେମନ୍ତ ଦାସ, ଡ. ତପନ ବେଉରା ଉତ୍ସବର ସଂଯୋଜନା କରିଥିଲେ। ଯୁଗ୍ମସମ୍ପାଦକ ବିପିନ ମହାପାତ୍ର ସ୍ୱାଗତ ଭାଷଣ ଦେଇଥିଲେ।

## 'ଦିବ୍ୟପୁରୁଷ ଦିବ୍ୟସିଂହ' ଉନ୍ମୋଚିତ

**ବଡ଼ରଘୁନାଥପୁର, ୧୨।୨(ସମିସ):** ମହିମା ଧର୍ମର ପ୍ରଚାରକ 'ଦିବ୍ୟସିଂହ'ଙ୍କ ପ୍ରଥମ ଶ୍ରାଦ୍ଧବାର୍ଷିକ ଅବସରରେ 'ଦିବ୍ୟପୁରୁଷ ଦିବ୍ୟସିଂହ' ଉନ୍ମୋଚିତ ହୋଇଯାଇଛି। କାଇମାଟିଆ ଗ୍ରାମରେ ଅନୁଷ୍ଠିତ ଏହି ସ୍ମୃତିସଭା ପାଇକ ମହାସଂଘର ରାଜ୍ୟ ସଂଯୋଜକ କେଦାର ଦାଶଙ୍କ ସଂଯୋଜନାରେ ଅନୁଷ୍ଠିତ ହୋଇଥିବା ବେଳେ ଏଥିରେ ଚିଲିକା ବିଧାୟକ ପ୍ରଶାନ୍ତ ଜଗଦ୍ଦେବ, ସମାଜସେବୀ ସନ୍ତୋଷ ଜେନା ଯୋଗ ଦେଇଥିଲେ। ଯୁବ ସାମ୍ବାଦିକ ରାଜୀବ ନୟନ ରଥ, ଉତ୍କଳ ସମ୍ମିଳନୀର ସାଧାରଣ ସମ୍ପାଦକ ଦିଲ୍ଲୀପ ଦାସଶର୍ମା, ବରିଷ୍ଠ ସ୍ତମ୍ଭକାର ରାଜେଶ ନାଏକ ପ୍ରମୁଖ ଯୋଗଦାନ କରିଥିଲେ। ନିଖିଳ ଓଡ଼ିଶା ପାଇକ ମହାସଂଘର ସଭାପତି ଅଶୋକ ପାଲଟାସିଂହ କାର୍ଯ୍ୟକ୍ରମ ପରିଚାଳନା କରିଥିବା ବେଳେ ପୁଲିସ୍ ପ୍ରଶାସକ ବିଜୟ ଆଇଚ ଧନ୍ୟବାଦ ପ୍ରଦାନ କରିଥିଲେ।

## ଜୀ-ସାର୍ଥକରେ 'ପାର୍ବଣରେ ସୁନାର ବର୍ଷା'




**ବିଜେତାଙ୍କୁ ୨୦ ଗ୍ରାମ୍‌ର ସୁନା**

**ଭୁବନେଶ୍ୱର, ୧୨।୨(ସମିସ):** ଗତ ପାର୍ବଣ ମହୋତ୍ସବରେ ଲୋକପ୍ରିୟ ଓଡ଼ିଆ ମନୋରଞ୍ଜନ ଚ୍ୟାନେଲ ଜୀ-ସାର୍ଥକରେ ହୋଇଥିଲା 'ପାର୍ବଣରେ ସୁନାର ବର୍ଷା' କଣ୍ଟେଷ୍ଟ। ଲାଲଚନ୍ଦ ଜୁଏଲର୍ସ ପ୍ରାୟୋଜିତ ଏହି ମେଗା ପ୍ରତିଯୋଗିତା ଅକ୍ଟୋବର ୫ରୁ ନଭେମ୍ବର ୨୦ ମଧ୍ୟରେ ହୋଇଥିଲା। ପ୍ରତିଯୋଗିତାରେ ଭାଗନେଇ ସନ୍ଧ୍ୟା ୬.୩୦ରୁ ରାତି ୯.୩୦ ମଧ୍ୟରେ ପ୍ରସାରିତ ଧାରାବାହିକ ଦେଖୁଥିବା ସମୟରେ ଟିଭି ସ୍କ୍ରିନ୍‌ରେ ପଚରା ଯାଇଥିବା ପ୍ରଶ୍ନର ପ୍ରତିଦିନ ସଠିକ୍ ଉତ୍ତର ଦେଇଥିବା ୪୦ ଜଣ ଭାଗ୍ୟଶାଳୀ ବିଜେତାଙ୍କୁ ମିଳିଥିଲା ଲାଲଚନ୍ଦ ତରଫରୁ ୧ଗ୍ରାମ ଓଜନର ସ୍ୱର୍ଣ୍ଣ ମୁଦ୍ରା ଏବଂ ପୂରା ପ୍ରତିଯୋଗିତାରେ ଜଣେ ମେଗା ବିଜେତାଙ୍କୁ ମିଳିଛି ୨୦ ଗ୍ରାମ୍ ଓଜନର୍ ସ୍ୱର୍ଣ୍ଣ ମୁଦ୍ରା। ଆଜି ସେଇ 'ପାର୍ବଣରେ ସୁନାର ବର୍ଷା' କାର୍ଯ୍ୟକ୍ରମର ଭାଗ୍ୟଶାଳୀ ବିଜେତାଙ୍କୁ ରାଜଧାନୀର ଏକ ହୋଟେଲରେ ପୁରସ୍କାର ପ୍ରଦାନ କରାଯାଇଛି। ଜଗତସିଂହପୁରର ଲଲାଟ କିଶୋର ସ୍ୱାଇଁ ମେଗା ବିଜେତା ହୋଇ ୨୦ ଗ୍ରାମର ସ୍ୱର୍ଣ୍ଣ ମୁଦ୍ରା ଉପହାର ଗ୍ରହଣ କରିବା ସହ ଜୀ ସାର୍ଥକର ଏଭଳି ପଦକ୍ଷେପକୁ ପ୍ରଶଂସା କରିଥିଲେ। ଏହି କାର୍ଯ୍ୟକ୍ରମରେ ଜୀ ସାର୍ଥକ ଚ୍ୟାନେଲ୍ ହେଡ୍ ପ୍ରତୀକ ସିଲଙ୍କ ସମେତ ଲାଲଚନ୍ଦ ଜୁଏଲର୍ସର ଡାଇରେକ୍ଟର ଅଜିତ ହଂସ, ସାଇନାଥ ପଣ୍ଡା ପ୍ରମୁଖ ଉପସ୍ଥିତ ଥିଲେ। ଜୀ-ସାର୍ଥକ ସବୁବେଳେ ଦର୍ଶକଙ୍କୁ କିଛି ନୂଆ ଦେବାକୁ ଚେଷ୍ଟା କରେ। ପୂର୍ବରୁ 'ଦେଖିବା ନିତି ହେବା ଲକ୍ଷପତି' ପ୍ରତିଯୋଗିତା ସଫଳ ହୋଇଥିଲା। ତେବେ ମନୋରଞ୍ଜନ ସହ ପରିବାର ଦାୟିତ୍ୱ ମଧ୍ୟରେ ସବୁବେଳେ ଛନ୍ଦି ହୋଇ ରହୁଥିବା ମହିଳାମାନଙ୍କ ଆତ୍ମବିଶ୍ୱାସ ବଢ଼ାଇବା ପାଇଁ ଏଭଳି ପ୍ରତିଯୋଗିତା ଏକ ମାଧ୍ୟମ ହେବ ବୋଲି ଚ୍ୟାନେଲ୍ ହେଡ ପ୍ରତୀକ ସିଲ୍ ମତ ଦେଇଥିଲେ।

## ଆଶ୍ରୟସ୍ଥଳରେ ଭିକାରିଙ୍କ ସଂଖ୍ୟା ୩ ଶହ ପାର୍

**ଭୁବନେଶ୍ୱର, ୧୨।୨(ସମିସ):** ସୋମବାର ସୁଦ୍ଧା ବିଏମ୍‌ସିର ବିଭିନ୍ନ ଆଶ୍ରୟସ୍ଥଳରେ ମୋଟ ୩୩୨ଜଣ ଭିକାରି ରହିଛନ୍ତି। ଯାହା ବିଗତ ଦିନମାନଙ୍କରେ ସର୍ବାଧିକ। ପୂର୍ବରୁ ବିଭିନ୍ନ ଆଶ୍ରୟସ୍ଥଳରେ ଭିକାରିଙ୍କ ସଂଖ୍ୟା ଶହେ ଟପିବା ମୁସକିଲ ହେଉଥିଲା ବେଳେ ଏବେ ଏହି ସଂଖ୍ୟା ୩ଶହ ପାର କରିଛି। ଯାହା ଏକ ବଡ଼ ସଫଳତା ବୋଲି ବିଏମ୍‌ସି ପକ୍ଷରୁ କୁହାଯାଇଛି। ବିଏମ୍‌ସି ପକ୍ଷରୁ ୫ଆଶ୍ରୟ କେନ୍ଦ୍ର ବା ବେଗର୍ସ ହୋମ୍‌ର ନିର୍ମାଣ କରାଯାଇଛି। ତେବେ ଭୁବନେଶ୍ୱର ସହରକୁ ବିଭିନ୍ନଆଡୁ ଭିକାରିମାନେ ଆସି ମନ୍ଦିରମାଳିନୀ ସହରରେ

### କଡ଼ାକଡ଼ି ହେବ ଭିକାରିମୁକ୍ତ ଅଭିଯାନ

ଭିକ୍ଷାବୃତ୍ତି କରିବା ଏବଂ ରାସ୍ତାକଡ଼ରେ ଦିନ ଦ୍ୱିପ୍ରହରେ ବୁଲିବା ସହରର ବିକାଶ ଏବଂ ଟ୍ରାଫିକ୍ ସମସ୍ୟାରେ ବାଧକ ହେଉଛି। ଏପରିକି ବାହାର ରାଜ୍ୟରୁ ମଧ୍ୟ ନିୟମିତଭାବେ କିଛି ଗୋଷ୍ଠୀ ଆସି ଏହା ଆପଣେଇବା ବିଏମ୍‌ସି କର୍ତ୍ତୃପକ୍ଷଙ୍କ ଦୃଷ୍ଟିଗୋଚର ହେବାପରେ ଟିମ୍ ବିଏମ୍‌ସି, ପୁଲିସ ପ୍ରଶାସନ ଏବଂ ସହଭାଗୀ ଅନୁଷ୍ଠାନଙ୍କ ମିଳିତ ପଦକ୍ଷେପରେ ଲଗାତର ଭିକାରି ଉଦ୍ଧାର କାର୍ଯ୍ୟ ଚାଲୁରହିଛି। ନିୟମିତ ସମୀକ୍ଷା ଏବଂ ସ୍ଥିତି ଅନୁଧ୍ୟାନରୁ କମିସନର ବିଜୟ ଅମୃତା କୁଲାଙ୍ଗେଙ୍କ ନିର୍ଦ୍ଦେଶକ୍ରମେ ଶୀତ ଋତୁର ଅବ୍ୟବହିତ ପୂର୍ବରୁ ବିଏମ୍‌ସି, ପୁଲିସ ପ୍ରଶାସନ ଏବଂ ସହଭାଗୀ ଅନୁଷ୍ଠାନଙ୍କ ମିଳିତ ପ୍ରୟାସରେ ନିୟମିତ ଭିକାରି ଉଦ୍ଧାର କାର୍ଯ୍ୟକ୍ରମ ଚାଲୁ ରହିଥିଲା। ଶୀତଦିନରେ କୌଣସି ମତେ ରାସ୍ତା କଡ଼ରେ କେହି ଭିକାରି ଯେପରି ଶୋଇବାର ଦେଖିବାକୁ ମିଳିବ ନାହିଁ ଏଥିପ୍ରତି ଦୃଢ଼ ପଦକ୍ଷେପ



ନେବାକୁ ନିର୍ଦ୍ଦେଶ ଦିଆଯାଇଥିଲା।

ସୂଚନାଯୋଗ୍ୟ କି ଗତ ଶୀତ ଋତୁରେ ଭିକାରି ଉଦ୍ଧାର କାର୍ଯ୍ୟକୁ ଜୋରଦାର କରିବା ଦ୍ୱାରା ପ୍ରମୁଖ ମନ୍ଦିର ଯଥା-ଶନି ମନ୍ଦିର, ରାମ ମନ୍ଦିର ଓ ଲିଙ୍ଗରାଜ ମନ୍ଦିର ଅଞ୍ଚଳରେ ଭିକାରି ଶୂନ୍ୟ ରହିଆସିଛି। ରାତିରେ ମଧ୍ୟ ଉଦ୍ଧାର କାର୍ଯ୍ୟକୁ ଚାଲୁ ରଖାଯାଇଥିଲା। ବିଏମ୍‌ସିର ୫ଟି ଭିକାରି ଥଇଥାନ କେନ୍ଦ୍ର ରହିଛି। ପ୍ରତ୍ୟେକ କେନ୍ଦ୍ରରେ ୧୦୦ ଲେଖାଏଁ ଅନ୍ତେବାସୀ ରହିବା ପାଇଁ ବ୍ୟବସ୍ଥା ରହିଛି। ଏହା ଦ୍ୱାରା ରାସ୍ତା କଡ଼ରେ ଭିକାରିଙ୍କ ସଂଖ୍ୟା କମିବାରେ ଲାଗିଛି। ଏହି ପ୍ରକ୍ରିୟାକୁ ଆଗକୁ ଅଧିକ ଜୋରଦାର କରାଯିବ। କେବଳ ବିଏମ୍‌ସି ନୁହେଁ, ଏଥିପାଇଁ ଭୁବନେଶ୍ୱରର ବିଭିନ୍ନ ସ୍ଥାନରେ ଗୋଷ୍ଠୀ ସହଭାଗିତା ଏହି ପଦକ୍ଷେପକୁ ତ୍ୱରାନ୍ୱିତ କରିପାରିବ ବୋଲି କମିସନର ଅନୁରୋଧ କରିଛନ୍ତି। ସରକାରଙ୍କ ନିୟମ ଅନୁସାରେ ସହଭାଗୀ ଅନୁଷ୍ଠାନଗୁଡ଼ିକ ମାଧ୍ୟମରେ ଅନ୍ତେବାସୀମାନଙ୍କୁ ବିଭିନ୍ନ ବ୍ୟାୟାମ, ଦିବସ ପାଳନ ଇତ୍ୟାଦି କରାଯାଇ ସେମାନଙ୍କର ମାନସିକ ସ୍ୱାସ୍ଥ୍ୟରେ ଉନ୍ନତି ଆଣିବା ପାଇଁ ଚେଷ୍ଟା କରାଯାଉଛି। ଭିକାରିମାନେ କିପରି ଭିକ୍ଷାବୃତ୍ତି ଛାଡ଼ି ସମାଜର ମୁଖ୍ୟ ସ୍ରୋତରେ ସାମିଲ ହେବେ ଏବଂ ପରିବାର ସହିତ ଯୋଡ଼ି ହେବେ, ସେ କାର୍ଯ୍ୟ ମଧ୍ୟ ଚାଲୁ ରହିଛି ବୋଲି ଜଣାଇଛନ୍ତି ଡେପୁଟି କମିସନର ପ୍ରିୟଙ୍କା ମଲ୍ଲିକ।

## 'କନ୍ଧମାଳ ଷ୍ଟ୍ରବେରୀ'ରେ ମହକୁଛି ରାଜଧାନୀ

**ଭୁବନେଶ୍ୱର, ୧୨।୨(ସମିସ):**

ହଳଦୀ କହିଲେ କନ୍ଧମାଳ ହଳଦୀକୁ ହିଁ ଲୋକେ ବୁଝିଥାଆନ୍ତି। ହେଲେ ଏବେ ହଳଦୀ ପରେ କନ୍ଧମାଳର ଷ୍ଟ୍ରବେରୀ ବଜାରକୁ ଆସୁଛି। ହଳଦୀ ପରେ ଏବେ 'କନ୍ଧମାଳ ଷ୍ଟ୍ରବେରୀ'ର ଚାହିଦା ବି ବଢ଼ିବାରେ ଲାଗିଛି। ପୂର୍ବରୁ ଲୋକ ଅନ୍ୟ ରାଜ୍ୟ ବିଶେଷକରି ଦିଲ୍ଲୀରୁ ଆସୁଥିବା ଷ୍ଟ୍ରବେରୀ ବେଶୀ କିଣୁଥିଲେ। ହେଲେ ଏବେ ରାଜ୍ୟର ବିଭିନ୍ନ ଅଞ୍ଚଳରେ ଷ୍ଟ୍ରବେରୀ ଚାଷ ହୋଇ ବଜାରରେ ବିକ୍ରି ପାଇଁ ପଠାଯାଉଛି। ବିଶେଷକରି କନ୍ଧମାଳ କୋ କୋରାପୁଟ ଜିଲ୍ଲାରେ ପରୀକ୍ଷାମୂଳକ ଭାବେ ଆରମ୍ଭ କରାଯାଇଥିବା ଷ୍ଟ୍ରବେରୀ ଚାଷ ବର୍ତ୍ତମାନ ଆଶାତୀତ ସଫଳତା ଲାଭ କରିଛି। ସେଠାରୁ ଅମଳ ହେଉଥିବା ଷ୍ଟ୍ରବେରୀ ଉନ୍ନତମାନର ବୋଲି ଉଦ୍ୟାନ ବିଭାଗ ସୂଚନା ମଧ୍ୟ ଦେଇଛି। ସେହିପରି ରାଜଧାନୀରେ ମଧ୍ୟ ଏହି ଷ୍ଟ୍ରବେରୀ ବିକ୍ରି ହେବାର ଦେଖିବାକୁ ମିଳିଛି। କନ୍ଧମାଳର ଚାଷୀଙ୍କଠାରୁ ଷ୍ଟ୍ରବେରୀ କିଣି ରିଲାଏନ୍ସ ଫ୍ରେଶ୍ ବିକ୍ରି କରିବା ଆରମ୍ଭ କରିଛି। ସେଥିପାଇଁ ଖୋଲା ବଜାରରେ ଏହା ମିଳୁନାହିଁ। ମାତ୍ର ସହରରେ ଥିବା ବିଭିନ୍ନ ରିଲାଏନ୍ସ ଫ୍ରେଶ୍‌ରେ ବିକ୍ରି ହେଉଥିବାର ପରିଲକ୍ଷିତ ହେଉଛି। ଯାହାର କାର୍ଟୁନ୍ ପ୍ରତି ବଜାର ମୂଲ୍ୟ ୧୨୦ ଟଙ୍କା ଥିବା ବେଳେ ସେମାନେ ମୂଲ୍ୟ ୯୯ଟଙ୍କାରେ ବିକ୍ରି କରୁଛନ୍ତି ବୋଲି କୁହନ୍ତି ମଲ୍‌ର କର୍ମଚାରୀ। ନିକଟରେ ସରିଥିବା ଆଦିବାସୀ ମେଳାରେ ମଧ୍ୟ କନ୍ଧମାଳ ଷ୍ଟ୍ରବେରୀ ଷ୍ଟଲ୍‌ରେ ବେଶ୍ ଭିଡ଼ ଜମିଥିବା ଦେଖିବାକୁ ମିଳିଥିଲା। କନ୍ଧମାଳ ଜିଲ୍ଲା ପ୍ରଶାସନ ପକ୍ଷରୁ ଏହି ଷ୍ଟ୍ରବେରୀର ନାମ 'କନ୍ଧମାଳ ଷ୍ଟ୍ରବେରୀ' ରଖାଯାଇଛି। ଯାହା ସବୁଠି ଏହି ନାମରେ ହିଁ ବିକ୍ରି ହେଉଛି। ଏହି ଚାଷ ମୁଖ୍ୟତଃ ମହିଳା ଚାଷୀ କରୁଥିବାର ଜାଣିବାକୁ ମିଳିଛି। ଯାହା ସେମାନଙ୍କ ଆର୍ଥିକ ସ୍ଥିତିକୁ ସୁଦୃଢ଼ କରିପାରୁଛି। ରାଜଧାନୀରେ ଏହି ଷ୍ଟ୍ରବେରୀର ଚାହିଦା ବଢ଼ିଚାଲିଥିବାବେଳେ ପୂର୍ବାପେକ୍ଷା ଦିଲ୍ଲୀ ଷ୍ଟ୍ରବେରୀର ଚାହିଦା ହ୍ରାସ ପାଇବାରେ ଲାଗିଲାଣି ବୋଲି ରିଲାଏନ୍ସ ଫ୍ରେଶ୍‌ରେ କାମ କରୁଛିବା କର୍ମଚାରୀ ମତ ଦେଇଛନ୍ତି। ସେହିପରି ସେଠାକୁ ଷ୍ଟ୍ରବେରୀ କିଣିବାକୁ ଆସିଥିବା ଗ୍ରାହକ ପ୍ରକାଶ ପାଢ଼ୀ କୁହନ୍ତି ଏହାର ସ୍ୱାଦ ଭଲ ଅଛି ଏବଂ ତାଜା ବି ରହୁଛି। ଯାହା ୩ ଦିନ ପର୍ଯ୍ୟନ୍ତ ବ୍ୟବହାର ଯୋଗ୍ୟ ହୋଇପାରୁଛି। ତେଣୁ ସେ ତାଙ୍କ ଘର ପାଇଁ ଏହି କନ୍ଧମାଳ ଷ୍ଟ୍ରବେରୀ କିଣିବାକୁ ପସନ୍ଦ କରୁଛନ୍ତି।





# ଚଳଚଞ୍ଚଳ ଖଣ୍ଡଗିରି ପାଦଦେଶ



**ଭୁବନେଶ୍ୱର, ୧୨।୨(ସମିସ):**

ଚଳଚଞ୍ଚଳ ହୋଇଉଠିଲାଣି ଖଣ୍ଡଗିରି ପାଦଦେଶ। ଆସନ୍ତା ୧୬ ତାରିଖରୁ ଖଣ୍ଡଗିରି ପାଦଦେଶରେ ଆରମ୍ଭ ହେବ କୁମ୍ଭମେଳା। ଦୂରଦୂରାନ୍ତରୁ ସାଧୁସନ୍ଥଙ୍କ ଆଗମନ ହେଉଥିବାବେଳେ ପ୍ରସ୍ତୁତି ଶେଷ ପର୍ଯ୍ୟାୟରେ ପହଞ୍ଚିଛି। ଏଥିପାଇଁ ଭୁବନେଶ୍ୱର ମହାନଗର ନିଗମ ପକ୍ଷରୁ ସାଧୁସନ୍ଥ ବସିବା ସ୍ଥାନକୁ ସଫାସୁତୁରା କରାଯାଇଛି। ରାଜ୍ୟ ତଥା ରାଜ୍ୟ ବାହାରୁ ପ୍ରାୟ ୫ଶହରୁ ଊର୍ଦ୍ଧ୍ୱ

- ଏଥର ୫ଶହ ସାଧୁସନ୍ଥଙ୍କ ସମାଗମ
- ପାଳନ ହେବ କଳିଯୁଗର ୫୧୨୫ତମ ପୂର୍ତ୍ତି

ସାଧୁସନ୍ଥ ଆସିବାର ରହିଛି। ଉତ୍ତର ଭାରତରୁ ନାଗାନ୍ଦୀ, ବେଦାନ୍ତି, ରାମାନନ୍ଦୀ ଓ କୃଷ୍ଣାନ୍ଦୀ ଆଦି ସନ୍ଥମାନେ ଆସି ଯୋଗ ଦେବେ। ସେହିପରି ଓଡ଼ିଶା, ହରିଦ୍ୱାର, ଗୁଜରାଟ ଏବଂ ଝାନ୍‌ସୀରୁ ପ୍ରାୟ ୮୦ରୁ ଊର୍ଦ୍ଧ୍ୱ ନାଗା ବାବାଙ୍କ ସମେତ ଦିଲ୍ଲୀ, ଉତ୍ତରାଖଣ୍ଡ, ବ୍ରହ୍ମପୁର ଆଦି ସ୍ଥାନରୁ ବାବାମାନେ ଯୋଗଦେବେ। ତେବେ ଆସନ୍ତା ୧୬ତାରିଖ ମାଘ ସପ୍ତମୀ ଏବଂ ଚନ୍ଦ୍ରଭାଗା ବୁଡ଼। ଏହିଦିନ ଠାରୁ ଖଣ୍ଡଗିରି ମାଘ ସପ୍ତମୀ କୁମ୍ଭ ମେଳା ଆରମ୍ଭ ହୋଇଥାଏ। ମାଘ ସପ୍ତମୀରେ ଠାକୁର ଶ୍ରୀଶ୍ରୀ ଅନନ୍ତ କେଶରୀ ଦେବଙ୍କୁ ଜାଗମରା ନାଗା ମଠରୁ ଶୋଭା ଯାତ୍ରାରେ ଉଦୟଗିରି ମୁଣ୍ଡିଆରେ ଥିବା ରାଣୀହଂସପୁରକୁ ନିଆଯିବ। ସେଠାରେ ଠାକୁରଙ୍କ ମାଘସ୍ନାନ ପରେ ସେହି ରାତିରେ ପୁଣି ଠାକୁରଙ୍କୁ ନାଗା ମଠକୁ ଫେରାଇ ଅଣାଯିବ। ଖଣ୍ଡଗିରିର ଅଧିଷ୍ଠାତ୍ରୀ ଦେବୀ ମା' ବାରଭୁଜାଙ୍କ ନିକଟରେ ଅଖଣ୍ଡ ଦୀପ ଲାଗିବା ସହ ଅନନ୍ତ ଗୁମ୍ଫା ସମ୍ମୁଖରେ ଯଜ୍ଞ ଆରମ୍ଭ ହେବ। ମାଘ ପୂର୍ଣ୍ଣିମାରେ ଯଜ୍ଞରେ ପୂର୍ଣ୍ଣାହୁତି ସହ ମେଳା ସମାପ୍ତ ହେବ। ନବରାତ୍ର କୁମ୍ଭମେଳା ପାଇଁ ମନ୍ଦିର ପ୍ରାଙ୍ଗଣରେ ଶ୍ରୀରାମଚରିତ ମାନସ, ନବାହ୍ନ ପାରାୟଣ, ପ୍ରବଚନ, ସାଧୁ ସମ୍ମେଳନ ଓ ବିଶ୍ୱଶାନ୍ତି ସାମୂହିକ ପ୍ରାର୍ଥନା ଅନୁଷ୍ଠିତ ହେବ। ତେବେ ଏଥର ବୈଦିକ ରୀତିରେ କଳିଯୁଗର ୫୧୨୫ ତମ ପୂର୍ତ୍ତି ପାଳନ କରାଯିବ ବୋଲି ବାବା ପଞ୍ଚଦେବ କହିଛନ୍ତି।

### ● ମେଳାର ମାହାତ୍ମ୍ୟ

ପ୍ରତିବର୍ଷ ମାଘ ସପ୍ତମୀଠାରୁ ପୂର୍ଣ୍ଣମୀ ପର୍ଯ୍ୟନ୍ତ ୯ ଦିନ ଧରି ଏହି ମେଳା ଆୟୋଜିତ ହୋଇଥାଏ। ଏକଦା ଶମ୍ବାସୁର ନାମକ ଜଣେ ବହୁ ପ୍ରତାପୀ ଅସୁର କୁଷ୍ଠ ରୋଗରେ ପୀଡ଼ିତ ହୋଇଥିଲେ। ଉପଚାର ନିମନ୍ତେ ଅନନ୍ୟୋପାୟ ହୋଇ ଶମ୍ବାସୁର ସୂର୍ଯ୍ୟଦେବଙ୍କୁ ପ୍ରାର୍ଥନା କରିଥିଲେ। ସୂର୍ଯ୍ୟଦେବଙ୍କ ଠାରୁ ଆଦେଶ ପାଇ ମାଘ ସପ୍ତମୀ ଦିନ ଚନ୍ଦ୍ରଭାଗାରେ ବୁଡ଼ ପକାଇ ଚାଲି ଚାଲି ଆସି ଖଣ୍ଡଗିରିରେ ପହଞ୍ଚିଲେ। ସେଠାରେ 'ଖଣ୍ଡଖିରି' ସେବନ କରି ଜପତପ କରିବା ପରେ ସେ ରୋଗମୁକ୍ତ ହୋଇଥିଲେ। ଏହାକୁ ବିଶ୍ୱାସ କରି ମାଘ ମାସରେ ଦେଶର ବିଭିନ୍ନ ପ୍ରାନ୍ତରୁ ସାଧୁସନ୍ଥମାନେ ଚନ୍ଦ୍ରଭାଗାରେ ବୁଡ଼ ପକାଇ ଖଣ୍ଡଗିରି-ଉଦୟଗିରିରେ ଆସି ଜପତପ କରିଥାନ୍ତି। ଏହାଦ୍ୱାରା ଆତ୍ମାକୁ ଶାନ୍ତି ଏବଂ ସମସ୍ତ ରୋଗରୁ ମୁକ୍ତି ମିଳେ ବୋଲି ବିଶ୍ୱାସ ରହିଛି। କୁମ୍ଭମେଳା ନାମରେ ନାମିତ ଏହି ୯ ଦିନ ବ୍ୟାପୀ ମେଳାକୁ ସ୍ଥାନୀୟ ଲୋକେ 'ଅନନ୍ତ କେଶରୀଙ୍କ ଯାତ୍ରା' ବୋଲି ମଧ୍ୟ କହିଥାନ୍ତି। ସ୍ଥାନୀୟ ଲୋକେ ଠାକୁର ଅନନ୍ତ କେଶରୀ ଦେବ ସେହି ମନ୍ଦିରରେ ରହୁଥିଲେ ବୋଲି ବିଶ୍ୱାସ କରନ୍ତି।

ପ୍ରତିବର୍ଷ ମାଘ ସପ୍ତମୀଠାରୁ ପୂର୍ଣ୍ଣମୀ ପର୍ଯ୍ୟନ୍ତ ଖଣ୍ଡଗିରିଠାରେ ଠାକୁର ଅନନ୍ତ କେଶରୀଙ୍କ ରଥଯାତ୍ରା ହୋଇଥାଏ। ରଥଯାତ୍ରା ସମୟରେ ଠାକୁର ଅନନ୍ତ କେଶରୀ ଦେବ ଜାଗମରା ଗ୍ରାମରେ ଥିବା ମାଉସୀଘର(ବର୍ତ୍ତମାନର ନାଗା ମଠ)କୁ ୯ ଦିନ ଲାଗି ଯାତ୍ରା କରିଥାନ୍ତି। ମେଳା ସରିବା ପରେ ଠାକୁରଙ୍କୁ ପୁଣି ଜାଗମରା ଗ୍ରାମକୁ ଅଣାଯାଇଥାଏ। ଏହି ସମୟରେ ପାଳିକରି ଗ୍ରାମବାସୀମାନେ ଠାକୁରଙ୍କୁ ଜଗିଥାନ୍ତି। ସମୟକ୍ରମେ ଏହି ପରମ୍ପରା ବଦଳିଯାଇଛି। କେବଳ ମାଘ ସପ୍ତମୀ ଗୋଟିଏ ଦିନ ପାଇଁ ଠାକୁର ଅନନ୍ତ କେଶରୀଙ୍କୁ ଖଣ୍ଡଗିରି ପରିବର୍ତ୍ତେ ଉଦୟଗିରିର ରାଣୀହଂସପୁରକୁ ବାଜା, ବାଣ, ରୋଷଣି ମଧ୍ୟରେ ନିଆଯାଉଛି। ମେଳା ଆରମ୍ଭ ହେବାପରେ ଠାକୁରଙ୍କୁ ପୁଣି ନାଗା ମଠକୁ ଫେରାଇ ଅଣାଯାଉଛି।

● ଏସଆଇଙ୍କୁ ଆକ୍ରମଣ କରି ଖସି ଯାଇଥିଲା ହାପି

# ନାନ୍‌ରେ ବଟର୍ ମାରିଲା ବେଳେ ଧରାପଡ଼ିଲା



**ଭୁବନେଶ୍ୱର, ଧଉଳି ୧୨।୨ (ସମିସ):** ଦୀର୍ଘ ବର୍ଷକର ଲୁଚକାଳି ଖେଳ ପରେ ପୁଲିସ ଜାଲରେ ପଡ଼ିଛି ଦୁର୍ଦ୍ଦାନ୍ତ ଅପରାଧୀ ହାପି । ହାଇଦରାବାଦର ଏକ ଫାଷ୍ଟଫୁଡ ଦୋକାନରେ ନାନରେ ବଟର ମାରୁଥିବା ବେଳେ ମାଡ଼ି ବସିଛି ଧଉଳି ଥାନା ପୁଲିସ। ସତ୍ୟପ୍ରକାଶ ହାତୀ ଓରଫ୍ ହାପିକୁ ସୋମବାର କୋର୍ଟ ଚାଲାଣ କରିଛି ପୁଲିସ। ପୁଲିସ ସୂଚନା

- ରହିଛି ୧୫ ମାମଲା
- ବଣ୍ଡ ଭଙ୍ଗ ପାଇଁ ପୁଲିସର ଚିଠି

ଅନୁସାରେ, ଗତବର୍ଷ ଫେବୃୟାରୀ ମାସ ୧୮ ତାରିଖ ଦିନ ଶିଶୁପାଳଗଡ଼ର ଗ୍ରାମର ସିପୁନ ଶିବରାତ୍ରି ପାଳନ କରିବା ପାଇଁ ତାଙ୍କ ବନ୍ଧୁ ରଞ୍ଜନଙ୍କ ସହିତ ବାଇକରେ ଯାଉଥିବା ସମୟରେ ହାପି ଓ ତାର ସହଯୋଗୀମାନେ ତାଙ୍କୁ ରାସ୍ତାରେ ଅଟକାଇଥିଲେ । ତାଙ୍କୁ ଗାଳିଗୁଲଜ କରି ବାଉଁଶରେ ଆକ୍ରମଣ କରି ସେଠାରୁ ଫେରାର ହୋଇଯାଇଥିଲେ । ଏନେଇ ସିପୁନଙ୍କ ମା ଧଉଳି ଥାନାରେ ଅଭିଯୋଗ କରିବା ପରେ ପୁଲିସ ସମସ୍ତ ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିଲା । ହେଲେ ହାପିକୁ ଧରି ପାରିନଥିଲା । ସେହିପରି ଗତ ଅଗଷ୍ଟ ମାସରେ ଲଳିତ କୁମାର ପାତ୍ରଙ୍କ ଟ୍ରକ ଅଟକାଇ ଦାଦା ବଟି ମାଗିବା ସହ ଡ୍ରାଇଭର ଓ ହେଲପରଙ୍କୁ ମରଣାନ୍ତକ ଆକ୍ରମଣ କରିଥିଲା । ଅଭିଯୋଗ ହେବାପରେ ପୁଲିସ ମାମଲା ରୁଜୁ କରିବା ସହ ଏସଆଇ ସନ୍ତୋଷ ବଳଙ୍କ ନେତୃତ୍ୱରେ ପୁଲିସ ଚଢ଼ଉ କରିଥିଲା । ସେଠାରେ ହାପି ଓ ସହଯୋଗୀମାନେ ମିଶି ପୁଲିସ ଟିମ୍ ଉପରକୁ ଆକ୍ରମଣ କରିଥିଲେ । ଏଥିରେ ଧଉଳି ଥାନାର ଏସ୍‌ଆଇ ସନ୍ତୋଷ ଓ ଅନ୍ୟ ୨ କର୍ମଚାରୀ ଆହତ ହୋଇଥିଲେ। ପୁଲିସକୁ ଆକ୍ରମଣ ଘଟଣାରେ କାଳନ୍ଦୀ ପାତ୍ର, ଅଭିଶେକ ନାୟକ, ସିଦ୍ଧାନ୍ତ ମିଶ୍ର ଓ ସୁଜିତ ମହାରଣା ଗିରଫ ହୋଇଥିଲେ ମଧ୍ୟ ହାପି ପୁଲିସକୁ ଚକମା ଦେଇ ଖସି ଯାଇଥିଲା । ପରବର୍ତ୍ତୀ ସମୟରେ ହାପି ହାଇଦରାବାଦ ପଳାଇ ସେଠାରେ ଏକ ଫାଷ୍ଟଫୁଡରେ କାମ କରୁଥିଲା। ଖବର ପାଇବା ପରେ ୩ ଦିନ ପୂର୍ବେ ଧଉଳି ଥାନାର ଏକ ଟିମ୍ ହାପିକୁ ଧରିବା ପାଇଁ ହାଇଦରାବାଦ ଯାଇ ଡେରା ପକାଇଥିଲା । ହାପି ଉକ୍ତ ଫାଷ୍ଟଫୁଡ ଦୋକାନରେ ନାନରେ ବଟର ମାରୁଥିବା ସମୟରେ ପୁଲିସ ତାକୁ ମାଡ଼ି ବସିଥିଲା । ରବିବାର ରାତିରେ ତାକୁ ଭୁବନେଶ୍ୱର ଅଣାଯିବା ପରେ ସୋମବାର ତାକୁ କୋର୍ଟ ଚାଲାଣ କରାଯାଇଛି । ହାପି ପେଶାଦାର ଅପରାଧୀ ହୋଇଥିବାବେଳେ ଭୁବନେଶ୍ୱରର ବିଭିନ୍ନ ଥାନାରେ ତା ନାମରେ ୧୫ଟି ଅପରାଧିକ ମାମଲା ରହିଛି। ହାପି ପୂର୍ବରୁ ଗିରଫ ହୋଇଥିବା ବେଳେ ସିଆରପିସି ଧାରା ୧୧୦ ଅନୁଯାୟୀ କାର୍ଯ୍ୟାନୁଷ୍ଠାନ ନିଆଯାଇଥିଲା। ସେ କୌଣସି ଅପରାଧୀକ କାର୍ଯ୍ୟକଳାପରେ ସଂପୃକ୍ତ ହେବନାହିଁ ତଥା ଶାନ୍ତିଶୃଙ୍ଖଳା ବଜାୟ ରଖିବା ପାଇଁ ଅତିରିକ୍ତ ଡିସିପି ତଥା ଏକଜିକ୍ୟୁଟିଭ ମାଜିଷ୍ଟ୍ରେଟଙ୍କ ନିକଟରେ ଏକ ବଣ୍ଡ ଦାଖଲ କରିଥିଲା । ସେହି ବଣ୍ଡକୁ ସେ ଭଙ୍ଗ କରିଥିବାରୁ ଧଉଳି ଥାନା ପୁଲିସ ଏନେଇ ଅତିରିକ୍ତ ଡିସିପି ତଥା ଏକଜିକ୍ୟୁଟିଭ ମାଜିଷ୍ଟ୍ରେଟଙ୍କୁ ଚିଠି ଲେଖିଛି ।

# ପଦ୍ମ ପୁରସ୍କାର ବିଜେତାଙ୍କୁ ସମ୍ବର୍ଦ୍ଧନା



ଭୁବନେଶ୍ୱର, ୧୨।୨(ସମିସ): ଜେ.କେ. ଫାଉଣ୍ଡେସନ ଫର୍ ଆର୍ଟ ଆଣ୍ଡ କଲଚର ଓ ଲଳିତ କଳା ଏକାଡେମୀ ରିଜିଓନାଲ ସେଣ୍ଟରର ମିଳିତ ଆନୁକୂଲ୍ୟରେ ସ୍ଥାନୀୟ ଖାରବେଳ ନଗରସ୍ଥିତ ଆର୍ଟ ସେଣ୍ଟରଠାରେ ଶିଳ୍ପୀମାନଙ୍କ ବନ୍ଧୁ ମିଳନ ଓ ଶିଳ୍ପୀ ବିନୋଦ ମହାରଣାଙ୍କ ସମ୍ବର୍ଦ୍ଧନା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଶ୍ରୀ ମହାରଣା ପଦ୍ମ ପୁରସ୍କାର ୨୦୨୪ ପାଇଁ ମନୋନୀତ ହୋଇଥିବାରୁ ତାଙ୍କୁ ସମ୍ବର୍ଦ୍ଧିତ କରାଯାଇଛି। ଏଥିରେ ବିନୋଦ ମହାରଣାଙ୍କୁ ଅଙ୍ଗ ବସ୍ତ୍ର ଓ ପୁଷ୍ପ ଗୁଚ୍ଛ ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା। ଏହି ଅବସରରେ ବରିଷ୍ଠ ଚିତ୍ରଶିଳ୍ପୀ ଜଗଦୀଶ ଚନ୍ଦ୍ର କାନୁନ୍‌ଗୋ, ରାମକୃଷ୍ଣ ବେଦଲା ଓ ରାମହରି ଜେନା ମଞ୍ଚାସୀନ ଥିଲେ। ଏହି ଅବସରରେ ଶିଳ୍ପୀ ଅଲେଖ ଚନ୍ଦ୍ର ସାହୁ, ଗଜେନ୍ଦ୍ର ପାଢ଼ୀ, ବିଜୟ ପରିଡ଼ା, ରବୀନ୍ଦ୍ର ମହାରଣା, ପ୍ରବୋଧ ସାହୁ ପ୍ରମୁଖ ଚିତ୍ରକର ଓ କଳା ପ୍ରେମୀ ଯୋଗ ଦେଇଥିଲେ। ଏହି କାର୍ଯ୍ୟକ୍ରମକୁ ଜୟସୂର୍ଯ୍ୟ କାନୁନଗୋ ପରିଚାଳନା କରିଥିଲେ।

# ପଞ୍ଚମ ବାର୍ଷିକ କ୍ରୀଡ଼ା ମହୋତ୍ସବ



**ଭୁବନେଶ୍ୱର, ୧୨।୨(ସମିସ):** ଓଡ଼ିଶା ଅବସରପ୍ରାପ୍ତ ପୁଲିସ ପଦାଧିକାରୀ କଲ୍ୟାଣ ସମିତିର ପଞ୍ଚମ ବାର୍ଷିକ କ୍ରୀଡ଼ା ମହୋତ୍ସବ ୭ମ ବାଟାଲିଅନର ପରେଡ୍ ପଡ଼ିଆରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟ ଅତିଥିଭାବେ କାହ୍ନୁଚରଣ ହାଂସଦା ଯୋଗଦେଇ କାର୍ଯ୍ୟକ୍ରମ ଉଦ୍‌ଘାଟନ କରିଥିଲେ। ଏହା ସହିତ ବରିଷ୍ଠ ନାଗରିକମାନଙ୍କୁ ସୁସ୍ଥ ଜୀବନଯାପନ ପାଇଁ ନିୟମିତ କ୍ରୀଡ଼ା, କସରତ ଓ ବ୍ୟାୟାମ କରିବାକୁ ଅନୁରୋଧ କରିଥିଲେ। ସମିତିର ସଭାପତି ସୂର୍ଯ୍ୟମଣି ତ୍ରିପାଠୀ ସ୍ୱାଗତଭାଷଣ ଦେଇଥିଲେ। ଏହି ଅବସରରେ ବିଭିନ୍ନ କ୍ରୀଡ଼ାର ଆୟୋଜନ କରାଯାଇଥିଲା। ମହିଳାମାନଙ୍କ ପାଇଁ ମ୍ୟୁଜିକ ଚେୟାର, ତାସ ଆଦି ପ୍ରତିଯୋଗିତା ଆୟୋଜିତ ହୋଇଥିଲା। କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। ଶେଷରେ ସଂଗଠନର ସମ୍ପାଦକ ନୀଳ ମୋହନ ତ୍ରିପାଠୀ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ।




ଭଞ୍ଜକଳା ମଣ୍ଡପରେ ମୋକ୍ଷ ଅନୁଷ୍ଠାନର ପ୍ରତିଷ୍ଠାତ୍ରୀ ଡଃ ସୁଜାତା ମିଶ୍ରଙ୍କ ଦ୍ୱାରା ଆୟୋଜିତ ୧୪ତମ ଯୁଗଳବନ୍ଦି କାର୍ଯ୍ୟକ୍ରମରେ ଓଡ଼ିଶୀ ନୃତ୍ୟ ଗୁରୁ ଡଃ ପ୍ରିୟଙ୍କା ମିଶ୍ର ଏବଂ ତାଙ୍କ ଶିଷ୍ୟା ସୋନାକ୍ଷୀ ସାହୁଙ୍କ 'ଦୁର୍ଗା ତାଣ୍ଡବ ନୃତ୍ୟ'

# ଆଇଏଲ୍‌ଏସ୍‌ରେ ଜାତୀୟ ସମ୍ମିଳନୀ

**ଭୁବନେଶ୍ୱର, ୧୨।୨(ସମିସ):** ରୋଗ ସୃଷ୍ଟି କରୁଥିବା ଭୂତାଣୁ ଏବଂ ସୂକ୍ଷ୍ମ ଜୀବଙ୍କ ସମ୍ପର୍କରେ ଅନେକ ତଥ୍ୟ ଉପରୁ ପରଦା ହଟିପାରି ନାହିଁ। ଏପରି ରୋଗର ହଠାତ୍ ଆବିର୍ଭାବ ସମଗ୍ର ବିଶ୍ୱ ପାଇଁ ଆହ୍ୱାନ ସୃଷ୍ଟି କରୁଛି। କୋଭିଡ୍-୧୯ ମହାମାରୀ ହେଉଛି ଏହାର ସବୁଠାରୁ ବଡ଼ ଉଦାହରଣ। ଏପରି ମହାମାରୀ ତଥା ରୋଗକୁ କିପରି ନିୟନ୍ତ୍ରଣ, ପ୍ରତିହତ କରିହେବ ତାହା ଉପରେ ଦେଶ ବିଦେଶର ଖ୍ୟାତନାମା ଗବେଷକମାନେ ଆଲୋଚନା କରିଛନ୍ତି। ଜୀବ ବିଜ୍ଞାନ ପ୍ରତିଷ୍ଠାନ (ଆଇଏଲ୍‌ଏସ୍), ଭୁବନେଶ୍ୱର ଏବଂ ସନଫର୍ମା ସାଇନ୍ସ ଫାଉଣ୍ଡେସନ୍ ପକ୍ଷରୁ ଆୟୋଜିତ ଜାତୀୟ ଆଲୋଚନାଚକ୍ରରେ ଏହା ଉପରେ ବିସ୍ତୃତ ମାନସମନ୍ଥନ ହୋଇଛି। ଏହି ତିନି ଦିନିଆ ସମ୍ମିଳନୀରେ ବିଶେଷଜ୍ଞମାନେ ମୁଖ୍ୟତଃ ରୋଗର ପରିସ୍ଥିତିକି, ପଶୁଙ୍କ ସ୍ୱାସ୍ଥ୍ୟ, ସର୍ଭିଲାନ୍ସ, ଭ୍ୟାକ୍ସିନ ଉଦ୍ଭାବନ ସହିତ ବିଜ୍ଞାନ ଦ୍ୱାରା ଏପରି ଆହ୍ୱାନର ସଫଳ ମୁକାବିଲା ସମ୍ପର୍କରେ ତଥ୍ୟ ଉପସ୍ଥାପନ କରିଥିଲେ। ଅତ୍ୟାଧୁନିକ ଚିକିତ୍ସା ବିଜ୍ଞାନ, ଗବେଷଣା ଦ୍ୱାରା ସମୟୋଚିତ ହସ୍ତକ୍ଷେପ ଜରିଆରେ ଭାରତକୁ ମହାମାରୀ ମୁକାବିଲା ଅଭିଯାନରେ ଅଗ୍ରଣୀ ଦେଶ ଭାବେ ପ୍ରସ୍ତୁତ କରିବା ସମ୍ପର୍କରେ ମତ ବିନିମୟ ହୋଇଥିଲା। ଆଇଏଲ୍‌ଏସ୍ ନିର୍ଦ୍ଦେଶକ ଡ଼ ଦେବାଶିଷ ଦାଶଙ୍କ ପ୍ରତ୍ୟେକ୍ଷ ତତ୍ତ୍ୱାବଧାନରେ ଆୟୋଜିତ ଏହି ଜାତୀୟ ସମ୍ମିଳନୀରେ ୟୁନିଭର୍ସିଟି ଅଫ୍ କାଲିଫର୍ଣ୍ଣିଆର ଡ଼ ପ୍ରଣବ ପଣ୍ଡିତ, ଆଇଜର୍ ତିରପତିର ଡ଼ ଭିଭି ରବିନ୍, ଏନ୍‌ସିବିଏସ୍‌ର ଡ଼ ଉମା ରାମକ୍ରିଷ୍ଣନ୍, ଡ଼ ଫାରା ଇସ୍ତିଆକ, ଏନ୍‌ଆଇଭି ପୁଣେର ଡ଼ ପ୍ରଜ୍ଞା ଯାଦବ, କେରଳ ବନ ବିଭାଗର ଡ଼ ଅରୁଣ ଜାଛାରିଆ, ଡ଼ ନରେନ୍ଦ୍ର କୁମାର ଅରୋରା, ବି ରବୀନ୍ଦ୍ରନ୍, ରାଜୀବ ସ୍ୱାଇଁ ପ୍ରମୁଖ ମତବ୍ୟକ୍ତ କରିଥିଲେ।

# ନିଯୁକ୍ତି ଦାବିରେ ବ୍ୟାଙ୍କ୍ ସଖୀଙ୍କ ବିକ୍ଷୋଭ

**ଭୁବନେଶ୍ୱର, ୧୨।୨(ସମିସ):** ଯୋଗ୍ୟତାଭିତ୍ତିରେ ବ୍ୟାଙ୍କ ସଖୀମାନଙ୍କୁ 'ଆମ ବ୍ୟାଙ୍କ' ଯୋଜନାରେ ନିଯୁକ୍ତି ଦେବା, ସବୁ ପଞ୍ଚାୟତରେ 'ଆମ ବ୍ୟାଙ୍କ' ଖୋଲିବା ଏବଂ ବ୍ୟାଙ୍କ ସଖୀମାନଙ୍କୁ ୧୦ ହଜାର ଟଙ୍କା ପ୍ରତି ମାସରେ ପ୍ରୋତ୍ସାହନ ଭତ୍ତା ଦେବା, ବ୍ୟାଙ୍କ ସଖୀମାନଙ୍କୁ ମିଶନ ଶକ୍ତିରେ କ୍ୟାଡରଭୁକ୍ତ କରିବା, ବ୍ୟାଙ୍କ ସଖୀମାନଙ୍କୁ ମହାସଂଘ ବୈଠକରେ ଯୋଗ ଦେବାକୁ ସୁଯୋଗ ଦେବା, ସୁବିଧାରେ କାର୍ଯ୍ୟ କରିବା ପାଇଁ ବ୍ୟାଙ୍କ ସଖୀମାନଙ୍କୁ ପ୍ରତି ପଞ୍ଚାୟତରେ ଘର ଏବଂ ଆବଶ୍ୟକ ଆସବାବପତ୍ର ଯୋଗାଇଦେବା, ବ୍ୟାଙ୍କ ସଖୀମାନଙ୍କ ପାଇଁ ଏକ ପ୍ରକାର ପୋଷାକ (ଡ୍ରେସ୍ କୋଡ୍)ର ବ୍ୟବସ୍ଥା ପ୍ରଚଳନ କରିବା ଆଦି ୬ ଦଫା ଦାବିରେ ବ୍ୟାଙ୍କ ସଖୀମାନେ ସୋମବାର ଭୁବନେଶ୍ୱରସ୍ଥିତ ମାଷ୍ଟରକ୍ୟାଣ୍ଟିନ ଛକରେ ବିକ୍ଷୋଭ ପ୍ରଦର୍ଶନ କରିଛନ୍ତି। ଏହି ବିକ୍ଷୋଭରେ ୨୨ଟି ଜିଲ୍ଲାରୁ ୬୦୦ରୁ ଊର୍ଦ୍ଧ୍ୱ ବ୍ୟାଙ୍କ ସଖୀମାନେ ସାମିଲ ହୋଇଥିଲେ। ଏହା ପରେ ଏକ ୫ଜଣିଆ ପ୍ରତିନିଧି ଦଳ ମିଶନ ଶକ୍ତି ନିର୍ଦ୍ଦେଶିକାଙ୍କ ସହିତ ଏ ବିଷୟରେ ଆଲୋଚନା କରିଥିଲେ। ନିର୍ଦ୍ଦେଶିକା ଦାବିଗୁଡ଼ିକୁ ସହୃଦୟତାର ସହ ଗ୍ରହଣ କରି ଏକ ସପ୍ତାହ ମଧ୍ୟରେ ନିର୍ଦ୍ଦିଷ୍ଟ ପଦକ୍ଷେପ ଗ୍ରହଣ କରିବାକୁ ପ୍ରତିଶ୍ରୁତି ଦେଇଥିବା ସଂଘ ପକ୍ଷରୁ କୁହାଯାଇଛି। ବିକ୍ଷୋଭରେ ସଂଗଠନର ଉପଦେଷ୍ଟା ତାପସୀ ପ୍ରହରାଜଙ୍କ ସମେତ ସଂଯୁକ୍ତା ସାହୁ ପ୍ରମୁଖ ଯୋଗ ଦେଇଥିଲେ।




ନାକାଗେଟ୍-ଷ୍ଟୁଡିଓ ରାସ୍ତା

ଫଟୋ-ବୁଲୁ

## ଚାକିରି ଛଟେଇ ପରେ ଭାଙ୍ଗିଯାଇଥିଲା ସୁନା ସଂସାର

# 'ମାଧ୍ୟମ' ଯୋଡ଼ିଲା ଦାମ୍ପତ୍ୟ ଶିଢ଼ି

**ଭୁବନେଶ୍ୱର, ୧୨।୨(ସମିସ):**



ଚାକିରିରୁ ଛଟେଇ ହୋଇଥିବାରୁ ଏକ ସୁଖି ପରିବାରର ସୁନାର ସଂସାର ଭାଙ୍ଗି ଦେଇଥିଲେ। ଆର୍ଥିକ ଚିନ୍ତାକୁ କମାଇବା ଲାଗି ନିଶାମୋହରେ ପଡ଼ିଯାଇଥିଲେ ସ୍ୱାମୀ। ପରେ ଘରର ସବୁ ଜିନିଷ ବିକ୍ରିକରି ନିଶା ସେବନ କରୁଥିଲେ। ମାତ୍ର ମାଧ୍ୟମର ହସ୍ତକ୍ଷେପ ଲୋଡିବା ପରେ ପୁଣି ଦୁଇ ସୁନାର ସଂସାରକୁ ଏକାଠି ହେବା ସହ ସମ୍ପର୍କ ଆହୁରି ନିବିଡ଼ ହୋଇଛି। ଘଟଣା ପୂରା ଏମିତି। ପଟିଆର ସୁଶାନ୍ତଙ୍କୁ ବୈଦିକ ରୀତିନୀତି ଅନୁଯାଇ ଗୀତାଞ୍ଜଳି ବିବାହ କରିଥିଲେ। ବିବାହ ପରେ ସେମାନଙ୍କ ବୈବାହିକ ଜୀବନ ବେଶ ହସଖୁସିରେ ଚାଲୁଥିଲା। ବିବାହ ସମୟରେ ସୁଶାନ୍ତ ଏକ ଘରୋଇ କମ୍ପାନୀରେ ଚାକିରି କରୁଥିଲେ। ପରେ ସୁଶାନ୍ତଙ୍କର ଚାକିରିରୁ ଛଟେଇ ହୋଇଯିବାରୁ ଉଭୟ ଖୁବ କଷ୍ଟରେ ଚଳୁଥିଲେ। ଆର୍ଥିକ ଅନଟନ ହେତୁ ଟଙ୍କା ଧାର ଉଦ୍ଧାର ହୋଇଯିବାରୁ ପରିବାରରେ ଅଶାନ୍ତି ସୃଷ୍ଟି ହେବା ସହିତ ଏହା କ୍ରମଶଃ ବଢ଼ିବାକୁ ଲାଗିଲା। ଅତ୍ୟଧିକ ମାନସିକ ଚାପ ଯୋଗୁଁ ସୁଶାନ୍ତ ନିୟମିତ ଭାବେ ମଦ୍ୟପାନ କରି ନିଜ ସ୍ତ୍ରୀ, ପିଲାଙ୍କୁ ମାରଧର କରିବା ଆରମ୍ଭ କରିଦେଲେ। ଘରେ ଥିବା ଆସବାବପତ୍ର ସବୁକୁ ବାହାରେ ବିକ୍ରିକରି ଦେଇଥିଲେ। ଗୀତାଞ୍ଜଳିଙ୍କ ମା' ଘଟଣା ସମ୍ପର୍କରେ 'ମାଧ୍ୟମ' ରେ ଜଣାଇବା ପରେ ଉଭୟ ପକ୍ଷଙ୍କୁ କାର୍ଯ୍ୟାଳୟକୁ ଡକାଯାଇ କାଉନ୍‌ସେଲିଂ କରାଯାଇଥିଲା। କାଉନ୍‌ସେଲିଂ ସମୟରେ ସୁଶାନ୍ତ ନିଶା କବଳରେ ପଡ଼ିଥିବା ଏବଂ ତାଙ୍କ ବାପା, ମାଆ ତାଙ୍କୁ ନେଇ ନିଶା ନିବାରଣ କେନ୍ଦ୍ରରେ ରଖି ତାଙ୍କୁ ନିଶା କବଳରୁ ମୁକ୍ତ କରିବାକୁ ଚାହୁଁଥିବା ଜଣାଇଥିଲେ। ସୁଶାନ୍ତଙ୍କ ବାପା, ମାଆ ଚାହୁଁଥିବା ଅନୁଯାଇ ସୁଶାନ୍ତ କିଛିଦିନ ପାଇଁ ନିଶା ନିବାରଣ କେନ୍ଦ୍ରରେ ରହିଥିଲେ। ପରେ ଗୀତାଞ୍ଜଳି ଓ ତାଙ୍କ ମାଙ୍କ ଦାୟିତ୍ୱ ସୁଶାନ୍ତଙ୍କ ବାପ, ମାଆ ବହନ କରିବା ନେଇ ପରାମର୍ଶ ଦିଆଯାଇଥିଲା। ଗୀତାଞ୍ଜଳି ଆତନିର୍ଭରଶୀଳ ହେବାକୁ ଚାହୁଁ ଥିବାରୁ ଏଥିରେ ତାଙ୍କ ଶାଶୂ, ଶ୍ୱଶୁର ସମ୍ମତି ଜଣାଇବା ଲାଗି ମଧ୍ୟ ପରାମର୍ଶ ଦିଆଯାଇଥିଲା।

### ଜାନୁଆରୀରେ ୧୭ ଅଭିଯୋଗ
### ୧୧ ସମାଧାନ; ୩ ମାମଲା

ଜାନୁଆରୀରେ ମହିଳା ସହଯୋଗ କେନ୍ଦ୍ର 'ମାଧ୍ୟମ'କୁ ସଫଳତା ମିଳିଛି। ଏଥିରେ ୧୭ଟି ଅଭିଯୋଗ ପଞ୍ଜୀକରଣ କରାଯାଇଛି। ସେଥିରୁ ୧୧ଟି ମାମଲାରେ ଆପୋଷ ବୁଝାମଣା ମାଧ୍ୟମରେ ସମାଧାନ କରିଥିବା ବେଳେ ଜଣେ ମହିଳାଙ୍କୁ ଆଇନଗତ ସୁରକ୍ଷା ଯୋଗାଇ ଦିଆଯାଇଛି। ସେଭଳି ଜଣେ ମହିଳାଙ୍କ ଡାକ୍ତରୀ ସହାୟତା ଯୋଗାଇ ଦିଆଯାଇଥିବା ବେଳେ ଅନ୍ୟ ଜଣେ ମହଳାଙ୍କୁ ଏକ ବେସରକାରୀ କର୍ମସଂସ୍ଥାନରେ ନିଯୁକ୍ତି ଯୋଗାଇ ଦିଆଯାଇଛି। ସେହିପରି ୩ଜଣଙ୍କ କ୍ଷେତ୍ରରେ ସମ୍ପୃକ୍ତ ଥାନାରେ ମାମଲା ରୁଜୁକରିବା ଲାଗି ମଧ୍ୟ ପରାମର୍ଶ ଦିଆଯାଇଛି। କମିସନରେଟ୍ ପୁଲିସର ମାଧ୍ୟମ ସମ୍ପର୍କକୁ ଯୋଡ଼ି ନୂଆ ସଂସାର ତୋଳିବାକୁ ରାସ୍ତା ଦେଖାଉଛି।

# ଆଇଆଇଟିର ପ୍ରତିଷ୍ଠା ଦିବସ

**ଭୁବନେଶ୍ୱର, ୧୨।୨(ସମିସ):** ଭୁବନେଶ୍ୱରସ୍ଥିତ ଭାରତୀୟ ପ୍ରଯୁକ୍ତିବିଦ୍ୟା ପ୍ରତିଷ୍ଠାନ(ଆଇଆଇଟି)ର ୧୬ତମ ପ୍ରତିଷ୍ଠା ଦିବସ ସୋମବାର ପାଳିତ ହୋଇଯାଇଛି। କାର୍ଯ୍ୟକ୍ରମ ପ୍ରାରମ୍ଭରେ ଆଇଆଇଟି ନିର୍ଦ୍ଦେଶକ ପ୍ରଫେସର ଶ୍ରୀପଦ କରମଲକର ସ୍ୱାଗତ ଅଭିଭାଷଣ ପ୍ରଦାନ କରିବା ସହ ଅତିଥି ପରିଚୟ ପ୍ରଦାନ କରିଛନ୍ତି। ନିର୍ଦ୍ଦେଶକ ପ୍ରଫେସର ମଧୁସୂଦନ ଚକ୍ରବର୍ତ୍ତୀ ଅତିଥି ଭାବେ ଯୋଗଦେବାସହ ଏକ ସ୍ୱତନ୍ତ୍ର ଅଧିବେଶନରେ ପାରସ୍ପରିକ ଭାବ ଆଦାନ ପ୍ରଦାନ କରିଥିଲେ। କାର୍ଯ୍ୟକ୍ରମକୁ ସମ୍ବୋଧିତ କରି ପ୍ରଫେସର ଚକ୍ରବର୍ତ୍ତୀ କ୍ୟାମ୍ପସର ବିକାଶକୁ ନେଇ ନିଜର ଅନୁଭୂତି ଉଲ୍ଲେଖ କରିଥିଲେ। ଏହାସହ ଅଧ୍ୟାପକ ଓ କର୍ମଚାରୀଙ୍କ ସହ ସେ ପ୍ରତିଷ୍ଠାନର ଅଭିବୃଦ୍ଧି ଏବଂ ଅନ୍ୟାନ୍ୟ ପ୍ରସଙ୍ଗରେ ଆଲୋଚନା କରିଛନ୍ତି। ପ୍ରତିଷ୍ଠାନର ଡିନ୍ ପ୍ରଫେସର ରାଜେଶ ରୋଶନ ଦାଶ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ।

# 'ଉତ୍କଳ'ରେ ୧୫ରୁ ଆନ୍ତଃବିଶ୍ୱବିଦ୍ୟାଳୟ କ୍ରୀଡ଼ା

**ଭୁବନେଶ୍ୱର, ୧୨।୨(ସମିସ):** ଉତ୍କଳ ବିଶ୍ୱବିଦ୍ୟାଳୟରେ ଆସନ୍ତା ୧୫ତାରିଖରୁ ୧୯ ତାରିଖ ପର୍ଯ୍ୟନ୍ତ ଆନ୍ତଃବିଶ୍ୱବିଦ୍ୟାଳୟ କ୍ରୀଡ଼ା ପ୍ରତିଯୋଗିତା ଅନୁଷ୍ଠିତ ହେବ। ଏହି ପ୍ରତିଯୋଗିତାରେ ୩୮ଟି ସରକାରୀ ଓ ବେସରକାରୀ ବିଶ୍ୱବିଦ୍ୟାଳୟର ଛାତ୍ରଛାତ୍ରୀ ଯୋଗଦେବେ। ଉଦ୍‌ଘାଟନୀ ଉତ୍ସବରେ ମୁଖ୍ୟ ଅତିଥି ଭାବେ ଉଚ୍ଚଶିକ୍ଷା ମନ୍ତ୍ରୀ ଅତନୁ ସବ୍ୟସାଚୀ ନାୟକ, ସମ୍ମାନିତ ଅତିଥି ଭାବେ ବିଭାଗୀୟ ସଚିବ ଅରବିନ୍ଦ ଅଗ୍ରୱାଲ, ଆଲମ୍ପିଆନ୍ ଅନୁରାଧା ବିଶ୍ୱାଳ ପ୍ରମୁଖ ଯୋଗଦେବାର କାର୍ଯ୍ୟକ୍ରମ ରହିଛି।

